## ସଂକ୍ଷେପରେ

### ସକଳେଶ୍ୱରଙ୍କୁ ୧ ଲକ୍ଷ ୮ ବେଲପତ୍ର ଅର୍ପଣ

ବୁଗୁଡ଼ା,୯।୯(ଡି.ଏନ.ଏ.)-ବୁଗୁଡ଼ା ବ୍ଲକ ପ୍ରତାପଧନଞ୍ଜୟପୁର ଶାସନସ୍ଥିତ ଶ୍ରୀସକଳେଶ୍ୱର ମହାଦେବଙ୍କୁ ୧ ଲକ୍ଷ ୮ ବେଲପତ୍ର ଅର୍ପଣ କରାଯାଇଛି। ବିଶ୍ୱଶାନ୍ତି ନିମନ୍ତେ ଗ୍ରାମବାସୀଙ୍କ ସହଯୋଗରେ ଚାଲିଥିବା ଏହି ତ୍ରିଦିନାତ୍ମକ କାର୍ଯ୍ୟକ୍ରମ ସୋମବାର ଉଦଯାପିତ ହୋଇଯାଇଛି। ଭାଦ୍ରବ ଶୁକ୍ଳ ପକ୍ଷ ନବମୀ, ଦଶମୀ ଓ ଏକାଦଶୀ ତିଥିରେ ଦୈନିକ ସୂର୍ଯ୍ୟପୂଜା, ମହାରୁଦ୍ରାଭିଷେକ, ଷୋଡ଼ଶ ଉପଚାର ପୂଜା ସହ ଜପ, ମନ୍ତ୍ରପାଠ ମଧ୍ୟରେ ସକଳେଶ୍ୱରଙ୍କୁ ବେଲପତ୍ର ଅର୍ପଣ କରାଯାଇଥିଲା। ମଧୁସୂଦନ ଷଡ଼ଙ୍ଗୀଙ୍କ ପୌରୋହିତ୍ୟରେ ବିଜୟ କୁମାର ରଥ, ଜଗନ୍ନାଥ ଶତପଥୀ, ଶ୍ରୀବତ୍ସ ନନ୍ଦ, ଶ୍ରୀନିବାସ ମିଶ୍ର, ରବୀନ୍ଦ୍ର ନାଥ ମିଶ୍ର ପ୍ରମୁଖ ବ୍ରାହ୍ମଣମାନେ ବେଲପତ୍ର ଅର୍ପଣ କରିଥିଲେ ।

### ରନ୍ଧାମଦ ଜବତ, ୩ ଗିରଫ

ଆସିକା,୯।୯(ଡି.ଏନ୍.ଏ.)-ଆସିକା ଥାନା ଇଲାକାର ବିଭିନ୍ନ ସ୍ଥାନରେ ପୋଲିସ ସୋମବାର ଚଢାଉ କରି ୬୦ ଲିଟର ରନ୍ଧାମଦ ଜବତ କରିଛି । ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରାଯାଇଛି । ସେମାନେ ହେଲେ ଗୋଲାପଲ୍ଲୀ ଗ୍ରାମର ପି. ସାରିକା ଦାସ, ହୁମୁକି ଗ୍ରାମର ବିଶ୍ୱନାଥ ସାହୁ ଓ ଧୋବଲ୍ଲୀ ଏରଗୋଲା ବସାର ଏ. ରାଜୁ । ଅଭିଯୁକ୍ତମାନଙ୍କ ବିରୋଧରେ ଆସିକା ଥାନାରେ ପୃଥକ ୩ ମାମଲା (ନଂ.୩୦୩, ୩୦୪ ଓ ୩୦୫/୧୯) ରୁଜୁ କରାଯାଇଛି। ଅଭିଯୁକ୍ତମାନଙ୍କୁ ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି ।

### ବିଦେଶୀ ମଦ ଜବତ, ଜଣେ ଗିରଫ

ବୁଗୁଡ଼ା,୯।୯(ଡି.ଏନ.ଏ.): ବୁଗୁଡ଼ା ଥାନା ବିରଞ୍ଚିପୁର ଗ୍ରାମର ଏକ ପାନ ଦୋକାନରେ ରବିବାର ରାତିରେ ପୋଲିସ ଚଢ଼ାଉ କରି ୫୨ ଲିଟର ବିଦେଶୀ ମଦ ଜବତ କରିଛି। ମଦ ବିକ୍ରି ଅଭିଯୋଗରେ ଦୋକାନୀ ଅମର ବେହେରାଙ୍କୁ ଗିରଫ କରାଯାଇଛି। ଏ ନେଇ ନଂ.୧୯୧/୧୯ରେ ମାମଲା ରୁଜୁ ହୋଇଛି। ସୋମବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନାଧିକାରୀ ସିତାଂଶୁ ଶେଖର ମାନ୍ଧାତା କହିଛନ୍ତି ।

### ବିଜୁ ଯୁବ ବାହିନୀର ସବୁଜ ବନାନୀ ଉତ୍ସବ

ସୋରଡ଼ା,୯।୯(ଡି.ଏନ.ଏ.): ଏନ୍‌ଏସି ବିଜୁ ଯୁବ ବାହିନୀ ତରଫରୁ ସୋମବାର ସବୁଜ ବନାନୀ ଉତ୍ସବ ସଂଯୋଜକ ସଞ୍ଜୟ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ସକାଳେ ସମସ୍ତ ସଦସ୍ୟ ଚାରାରୋପଣ ନାରା ସହ ପ୍ଲାକାର୍ଡ ଧରି ନଗର ପରିକ୍ରମା କରିଥିଲେ। ମଧ୍ୟାହ୍ନରେ କଲ୍ୟାଣ ମଣ୍ଡପ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଏନ୍‌ଏସି ହିସାବ ରକ୍ଷକ ଦୀପ୍ତିରଞ୍ଜନ ପୃଷ୍ଟି, ସଂଯୋଜକ ଯୋଗଦେଇ ଚାରାରୋପଣ କରିଥିଲେ। ଆଗାମୀ ଦିନରେ ଏହିପରି ସାମାଜିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ପଣ୍ଡା କହିଥିଲେ।

### ଗୁରୁକୁଳ ଛାତ୍ରାବାସରେ ଉପନୟନ ସଂସ୍କାର

କ. ନୂଆଗାଁ,୯।୯(ଡି.ଏନ.ଏ.): କନ୍ଧମାଳ ଜିଲା କ.ନୂଆଗାଁରେ ଥିବା ସ୍ୱାମୀ ଓମାନନ୍ଦ ଗୁରୁକୁଳ ଛାତ୍ରାବାସରେ ନୂତନ ବିଦ୍ୟାର୍ଥୀଙ୍କ ଉପନୟନ ସଂସ୍କାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅଞ୍ଚଳର ୩୫ ବିଦ୍ୟାର୍ଥୀ ନୂତନ ଭାବେ ଆଶ୍ରମରେ ଯୋଗ ଦେଇଥିବାରୁ ଗୁରୁକୁଳ ପରମ୍ପରା ଅନୁସାରେ ଷୋଡଶ ସଂସ୍କାର ବିଧି କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଉତ୍କଳ ଆର୍ଯ୍ୟ ପ୍ରତିନିଧି ସଭା ତରଫରୁ ମନ୍ତ୍ରୀ ଆନନ୍ଦ କୁମାର ଶାସ୍ତ୍ରୀ, ସଭାପତି ସ୍ୱାମୀ ଧର୍ମାନନ୍ଦ ଜୀ, ଆଚାର୍ଯ୍ୟ ମନୁଦେବ ଜୀ, ନବାଗତ ବିଦ୍ୟାର୍ଥୀମାନଙ୍କୁ ପ୍ରାଚୀନ ଭାରତୀୟ ଋଷି ପରମ୍ପରାକୁ ନେଇ ଚଳି ଆସିଥିବା ଶିକ୍ଷା ଦେବା ସହ ମାର୍ଗଦର୍ଶନ କରିଥିଲେ। ଆଶ୍ରମର ସଞ୍ଚାଳକ ଆଚାର୍ଯ୍ୟ ଶ୍ରଦ୍ଧାନନ୍ଦ ଜୀ, ଉପଦେଷ୍ଟା ଶିବରାମ ପ୍ରଧାନ ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମକୁ ତଦାରଖ କରିଥିବା ବେଳେ ଅଗ୍ନିହୋତ୍ର, ଯଜମାନ ସଂସ୍କାର ଯଜ୍ଞ, ଅନ୍ନଯଜ୍ଞକୁ ନୂତନ ବିଦ୍ୟାର୍ଥୀଙ୍କର ଅଭିଭାବକମାନେ ଯୋଗ ଦେଇ ସହଯୋଗ କରିଥିଲେ। ଶେଷରେ ଆର୍ଯ୍ୟ ସମାଜର ତ୍ରୈମାସିକ ବୈଠକ ଅନୁଷ୍ଠିତ ହୋଇ ଛାତ୍ରାବାସର ଉନ୍ନତି ସମ୍ପର୍କରେ ଆଲୋଚନା କରାଯାଇଥିଲା।

■ ସିଲିଂ ଜମି ହିତାଧିକାରୀ ହକ୍‌ରୁ ବଞ୍ଚିତ

# ୫୩ ଆଦିବାସୀ ହଟହଟା, ସିବିଆଇ ତଦନ୍ତ ଦାବି

## ନ୍ୟାୟ ନ ମିଳିଲେ ଆନ୍ଦୋଳନ

ଭଞ୍ଜନଗର,୯।୯(ଡି.ଏନ.ଏ)



ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିବା ଆଦିବାସୀମାନେ ।

୧୯୭୭ ମସିହାରେ ଚକବନ୍ଦୀ (ସିଲିଂ) ସମୟରେ ବେଲଗୁଣ୍ଠା ବ୍ଲକ ବାଣତୁମ୍ବ ଗ୍ରାମର ରଘୁନାଥ ରାଉତ ଓ ବିଜୟ କୁମାର ରାଉତଙ୍କଠାରୁ ସିଲିଂ ବହିର୍ଭୂତ ଜମି ବାହାର କରି ତାରସିଂ ଥାନା ଚୁଡ଼ାଖାଇ, ହରିଡ଼ାପଦର ଆଦି ଗ୍ରାମର ୫୩ ଆଦିବାସୀଙ୍କୁ ପକ୍ଷରୁ ବାଣ୍ଟି ଦିଆଯାଇଥିଲା। ଉକ୍ତ ଜମିକୁ ସେମାନେ ଦୀର୍ଘଦିନ ଧରି ଦଖଲ କରିବା ସହ ଚାଷ କରି ଆସୁଥିଲେ। ତେବେ ସେଟେଲମେଣ୍ଟ ସମୟରେ ସିଲିଂ ଜମି ଯାହାକୁ ପ୍ରଦାନ କରାଯାଇଛି, ସେମାନଙ୍କ ନାମରେ ନ ହୋଇ ପୁରୁଣା ରେକର୍ଡ଼ ଅନୁସାରେ ରହିଯାଇଥିଲା। ଯେଉଁମାନଙ୍କ ନାମରେ ଜମି ପଟ୍ଟା ଥିଲା ସେମାନଙ୍କ ପରିବାର ପକ୍ଷରୁ ୩ ବର୍ଷ ପୂର୍ବେ ଜଣେ ଅଣଓଡ଼ିଆ ଚାଷୀଙ୍କୁ ଉକ୍ତ ଜମି ବିକ୍ରି କରି ଦିଆଯାଇଛି। ଫଳରେ ଅଣ ଓଡିଆ ବ୍ୟକ୍ତି ଜଣକ ଏବେ ଆଦିବାସୀଙ୍କୁ ଉକ୍ତ ଜମିରୁ ହଟାଉଛନ୍ତି। ଆସିବାସୀମାନେ ଜମିରେ ଲଗାଇଥିବା କାଜୁ ଗଛକୁ କାଟି ଦେଉଛନ୍ତି । ଏ ନେଇ ପ୍ରତିବାଦ କଲେ ଗୁଣ୍ଡା ଲଗାଇ ଆକ୍ରମଣ କରାଯାଉଥିବା ଅଭିଯୋଗ ହେଉଛି। ପୋଲିସ ବି ଓଲଟା ଆଦିବାସୀମାନଙ୍କ ବିରୋଧରେ ମାମଲା ରୁଜୁ କରି ଗିରଫ କରୁଛି । ଏହିଭଳି ବେନିୟମ କାର୍ଯ୍ୟ ପ୍ରତିବାଦରେ ଭଞ୍ଜନଗର ବାର ଆସୋସିଏଶନ କାର୍ଯ୍ୟାଳୟ ପରିସରରେ ସୋମବାର ଆଦିବାସୀମାନଙ୍କ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ହୋଇଥିଲା । ଏଥିରେ ବାର ଆସୋସିଏଶନ ସଭାପତି ଅଭିମନ୍ୟୁ ଗୌଡ଼, ବରିଷ୍ଠ ଆଇନଜୀବୀ ଏମ୍.ତାଜ୍ ଆଦେନୀ, ବୈଦ୍ୟନାଥ ସାହୁ,ଦଣ୍ଡପାଣି ସ୍ୱାଇଁ, ରବି ଦାସ, ଆଦିବାସୀ ନେତା ନିରାକର ନାୟକ ପ୍ରମୁଖ ଯୋଗଦେଇ ପୋଲିସ ଜୁଲମ ଚଳିବନି ବୋଲି କହିଥିଲେ। ପ୍ରଶାସନ ଯଦି ତୁରନ୍ତ ଆଦିବାସୀମାନଙ୍କୁ ନ୍ୟାୟ ପ୍ରଦାନ ନ କରେ ତେବେ ସେମାନେ ରାଜରାସ୍ତାକୁ ଓହ୍ଲାଇବେ । ଆଇନଜୀବୀମାନେ ସେମାନଙ୍କୁ ସମର୍ଥନ ଜଣାଇବେ। ଜିବିକା ହରାଇଥିବା ଆଦିବାସୀଙ୍କୁ ଥଇଥାନ କରାଯାଉ । ମିଥ୍ୟା ମକଦ୍ଦମା ପ୍ରତ୍ୟାହାର କରାଯାଉ, ମିଳିଥିବା ସିଲିଂ ଜମିର ନବୀକରଣ କରାଯାଇ ପଟ୍ଟାର ପାଉତି କଟାଯାଉ । ବେନିୟମଭାବେ ସିଲିଂ ଜମିକୁ ଅନ୍ୟ ନାମରେ ପଟ୍ଟା କରାଇ ବିକ୍ରି କରାଯିବା ଘଟଣାର ସିବିଆଇ ତଦନ୍ତ କରିବା ପାଇଁ ଆଦିବାସୀମାନେ ଦାବି କରିଛନ୍ତି ।

■ ମାଟ୍ରିକ ପରୀକ୍ଷାରେ ଖରାପ ରେଜଲ୍ଟ

# ୩ ବିଦ୍ୟାଳୟକୁ କାରଣ ଦର୍ଶାଅ ନୋଟିସ

ବେଗୁନିଆପଡ଼ା,୯।୯(ଡି.ଏନ.ଏ.)

ଗତ ମାଟ୍ରିକ ପରୀକ୍ଷାରେ ୫୦ ପ୍ରତିଶତରୁ କମ୍ ଛାତ୍ରୀଛାତ୍ର ପାସ କରିଥିବା ବେଗୁନିଆପଡ଼ା ବ୍ଲକର ୩ ଉଚ୍ଚ ବିଦ୍ୟାଳୟକୁ ଗଞ୍ଜାମ ଜିଲା ଶିକ୍ଷାଧିକାରୀ ଡ.ସନାତନ ପଣ୍ଡା କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ୭ ଦିନ ମଧ୍ୟରେ ଉତ୍ତର ଦାଖଲ କରିବା ପାଇଁ ଉକ୍ତ ବିଦ୍ୟାଳୟଗୁଡିକର ପ୍ରଧାନଶିକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସୁମଣ୍ଡଳସ୍ଥିତ ରବିଘୋଷ ନୋଡାଲ ବିଦ୍ୟାପୀଠ, ଷଣ୍ଢମୂଳ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଓ ବଡ଼ ଖଇରଖମା ଉନ୍ନୀତ ଉଚ୍ଚ ବିଦ୍ୟାଳୟକୁ ଆସିଥିବା ଏହି ନୋଟିସରେ ଦର୍ଶାଯାଇଛି ଯେ, ମାଟ୍ରିକ ପରୀକ୍ଷାରେ କମ ପିଲା ପାସ କରିବା ଏକ ଗୁରୁତର ଓ ସ୍ୱର୍ଷକାତର ବିଷୟ। ଖରାପ ରେଜଲ୍ଟ କରିଥିବା ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଅନ୍ୟ ଶିକ୍ଷକଙ୍କ ବାର୍ଷିକ ଇନକ୍ରିମେଣ୍ଟ ବନ୍ଦ କରିବାକୁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପତ୍ରାଙ୍କ ନମ୍ବର ୨୧୧୯୭/୧.୬.୧୯ ଓ ୩୧୮୪୮ /୨୭.୮.୧୯ରେ ନିର୍ଦ୍ଦେଶ ଆସିଥିବା ଜିଲା ଶିକ୍ଷା ଅଧିକାରୀ ଉକ୍ତ ନୋଟିସରେ ଦର୍ଶାଇଛନ୍ତି। ବିଇଓ କମଳାକାନ୍ତ ସାହୁ ସୋମବାର ସମସ୍ତ ସିଆରସିଙ୍କୁ ଡକାଇ ଆଲୋଚନା କରି ଉପରୋକ୍ତ ୩ ବିଦ୍ୟାଳୟକୁ ଡିଇଓଙ୍କ କାରଣ ଦର୍ଶାଅ ନୋଟିସକୁ ପ୍ରେରଣ କରିଛନ୍ତି। ଅନ୍ୟପଟେ ବଡ଼ ଖଇରଖମା ଓ ଷଣ୍ଢମୂଳ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ହାଇସ୍କୁଲ ପିଲାଙ୍କୁ ପାଠ ପଢାଇବା ପାଇଁ ଶିକ୍ଷକ ନଥିବା ଯୋଗୁ ରେଜଲ୍ଟ ଭଲ ହୋଇନାହିଁ। ତୁରନ୍ତ ଶିକ୍ଷକ ନିଯୁକ୍ତି କରିବା ପାଇଁ କମିଟି ସଦସ୍ୟ ଦାବି କରିଛନ୍ତି।

# ବାଇକ ଚୋରି ଅଭିଯୋଗ

ଛତ୍ରପୁର,୯।୯(ଡି.ଏନ.ଏ.):

ଛତ୍ରପୁର ହସ୍ପିଟାଲ ପରିସରରୁ ସୋମବାର ଏକ ବାଇକ ଚୋରି ହୋଇଛି । ହୁମ୍ମର ଗାଁର ଟଙ୍କଧର ଛାଟେଇ ତାଙ୍କର ଜଣେ ସମ୍ପର୍କୀୟଙ୍କ ବାଇକ (ନଂ.ଏପି ୩୧ ଏମଭି ୪୭୧୨) ନେଇ ଛତ୍ରପୁର ହସ୍ପିଟାଲକୁ ଆସିଥିଲେ । ହସ୍ପିଟାଲରୁ ଫେରିବା ବେଳକୁ ଉକ୍ତ ବାଇକ୍ ପାର୍କିଂସ୍ଥଳରେ ନ ଥିବା ସେ ଦେଖିଥିଲେ । ଏ ନେଇ ଟଙ୍କଧର ଛତ୍ରପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ବୁଢ଼ୀ ଠାକୁରାଣୀ ଯାତ୍ରା କମିଟି ଗଠିତ

ଦିଗପହଣ୍ଡି,୯।୯(ଡି.ଏନ.ଏ.)

ଦିଗପହଣ୍ଡି ସହରର ଆରାଧ୍ୟ ଦେବୀ ମା’ ବୁଢ଼ୀ ଠାକୁରାଣୀଙ୍କ ଶାରଦୀୟ ଯାତ୍ରା ମହୋତ୍ସବ ପାଇଁ ରବିବାର ପରିଚାଳନା କମିଟି ଗଠନ କରାଯାଇଛି । ମନ୍ଦିର ପରିସରରେ ଆୟୋଜିତ ବୈଠକରେ ସହରର ବହୁ ସଂଖ୍ୟକ ଜନସାଧାରଣ ଉପସ୍ଥିତ ଥିଲେ। ଯାତ୍ରା କମିଟି ସଭାପତି ଭାବେ କୁରେଶୁ ମହାରଣା, ଉପସଭାପତି କେ. କୁନା, ସମ୍ପାଦକ ପ୍ରଭାକର ରେଡ୍ଡୀ, ସହ ସମ୍ପାଦକ ଦୀପକ କୁମାର ମିଶ୍ର, ବିତ୍ତ ଅଧିକାରୀ ବିକାଶ କୁମାର ପଶୁପାଳକ, ସହ ବିତ୍ତ ଅଧିକାରୀ ହିମାଂଶୁ କୁମାର ପାଣିଗ୍ରାହୀ ଓ ଉପଦେଷ୍ଟା ଭାବେ ଅର୍ଦ୍ଧୁ ଗୋବିନ୍ଦ, ଦୁର୍ଗା ମେକାପ, ପନାଡ଼ି. କ୍ରିଷ୍ଣାମା, ରଞ୍ଜିତ କୁମାର ବେହେରାଙ୍କୁ ମନୋନୀତ କରାଯାଇଥିଲା। ଚଳିତ ବର୍ଷ ଆଶ୍ୱିନ କୃଷ୍ଣପକ୍ଷ ମହାସପ୍ତମୀ ତିଥି ଅକ୍ଟୋବର ୫ ରୁ ୧୨ ତାରିଖ ଯାଏ ୮ ଦିନ ବ୍ୟାପୀ ଯାତ୍ରା ଅନୁଷ୍ଠିତ ହେବ। ଅକ୍ଟୋବର ୧୩ ଭୋରରେ ଯାତ୍ରା ଉଦ୍‌ଯାପିତ ହେବ ବୋଲି ସ୍ଥିର କରାଯାଇଛି । ମଙ୍ଗଳବାର ରାତି ୯ଟାରେ ନୀତିକାନ୍ତି ଅନୁଯାୟୀ ବୁଢ଼ୀ ଠାକୁରାଣୀଙ୍କୁ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇ ଯାତ୍ରା ପାଇଁ ବଜାର ଗାନ୍ଧୀ ଛକସ୍ଥିତ ଅସ୍ଥାୟୀ ଯାତ୍ରାପୀଠକୁ ଶୁଭଖୁଣ୍ଟି ଅଣାଯିବ ବୋଲି ବୈଠକରେ ସର୍ବସମ୍ମତ ନିଷ୍ପତ୍ତି ନିଆଯାଇଛି।

# ଧମକ, ଆକ୍ରମଣ ଘଟଣା, ଜଣେ ଗିରଫ

ଛତ୍ରପୁର,୯।୯(ଡି.ଏନ.ଏ.):

ଏକ କାର ଅଟକାଇ ଧମକ ଦେବା ସହ ଆକ୍ରମଣ କରିଥିବା ଅଭିଯୁକ୍ତଙ୍କୁ ଛତ୍ରପୁର ଥାନା ପୋଲିସ ସୋମବାର ଗିରଫ କରିଛି। ସେ ହେଲେ ରାଜେଶ ମହାରଣା। ରବିବାର ରାତିରେ ରେଢ୍ଡୀସାହି ଛକ ନିକଟରେ ରାଜେଶ ଏକ କାରକୁ ଅଟକାଇ ଚାଳକଙ୍କୁ ଧମକ ଦେବା ସହ ମାରପିଟ କରିଥିବା ଅଭିଯୋଗ ହୋଇଥିଲା । ଏ ସମ୍ପର୍କରେ କାର ମାଲିକ ଛତ୍ରପୁର ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା (ନଂ.୧୩/୨୧୯) ରୁଜୁ କରି ସୋମବାର ରାଜେଶଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

# ପେନସନ୍ ଦାବି କଲେ କଳାକାର

ଛତ୍ରପୁର,୯।୯(ଡି.ଏନ.ଏ.):



ଜିଲାପାଳଙ୍କୁ ଭେଟିବାକୁ ଆସିଥିବା କଳାକାରମାନେ।

କବିସୂର୍ଯ୍ୟନଗର ବ୍ଲକ ଅନ୍ତର୍ଗତ ବରିଡା ଗାଁର ୧୪ ଜଣ କଳାକାର ମୁଖ୍ୟମନ୍ତ୍ରୀ କଳାକାର ପେନସନ ଯୋଜନାରେ ସାମିଲ ହୋଇ ପାରିନାହାନ୍ତି। ତେଣୁ ସେମାନେ ସୋମବାର ଛତ୍ରପୁର ଆସି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ଭେଟି ଏ ସମ୍ପର୍କରେ ଲିଖିତ ଭାବେ ଜଣାଇଛନ୍ତି। ପେନସନ ଯୋଜନାରେ ଜିଲାର କେତେଜଣ କଳାକାର ସାମିଲ ହୋଇ ପାରି ନ ଥିବା ସମ୍ପର୍କରେ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଛି। ଅନୁମତି ଆସିଲେ ଯୋଜନାରୁ ବଞ୍ଚିତଙ୍କୁ ସାମିଲ କରାଯିବ ବୋଲି ଜିଲାପାଳ କହିଛନ୍ତି। କବିସୂର୍ଯ୍ୟନଗର ବ୍ଲକର ୧୫୧ କଳାକାର ଯୋଜନାରେ ସାମିଲ ହୋଇଛନ୍ତି। ଜିଲାରେ ବର୍ତ୍ତମାନ ୧୮୮୫ ଜଣଙ୍କୁ କଳାକାର ପେନସନ ଯୋଜନାରେ ସାମିଲ କରାଯାଇଥିବା ସୂଚନା ଦିଆଯାଇଛି।

# କଂଗ୍ରେସ ପକ୍ଷରୁ ବନ୍ଧୁ ମିଳନ

ହିଞ୍ଜିଳିକାଟୁ,୯।୯(ଡି.ଏନ୍.ଏ)

ହିଞ୍ଜିଳି ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତାଙ୍କ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ରବିବାର ସ୍ଥାନୀୟ ବ୍ଲକ ପଳାସୀଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ କଂଗେସ ସଭାପତି ପଦ୍ମ ଚରଣ ସାହୁ ଅଧକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଞ୍ଚାୟତରୁ ଉପସ୍ଥିତ ନେତା ଓ କର୍ମୀମାନେ ଗତ ଲଗାଣ ବର୍ଷାରେ ଅଞ୍ଚଳରେ ବ୍ୟାପକ ଫସଲ ନଷ୍ଟ ହୋଇଥିବା ନେଇ ଆଲୋଚନା କରିଥିଲେ। କ୍ଷତିଗ୍ରସ୍ତ ଚାଷୀଙ୍କୁ ସାର, ପରିବା ବିହନ ମାଗଣାରେ ପ୍ରଦାନ କରିବାକୁ ସରକାରଙ୍କଠାରେ ଦାବି ହୋଇଥିଲା। ଅନ୍ୟ ପକ୍ଷରେ ବୁଢ଼ିଘରା ମନ୍ଦିରରୁ ଭାୟା ୨ଡ଼ିଷ୍ଟ୍ରିବ୍ୟୁଟାରୀ ଦେଇ ଶାସନଆମ୍ବଗାଁ ରାସ୍ତା, ଖଣ୍ଡରାରୁ ଚାନ୍ଧୁଲି ଦେଇ ତହଁର ପିତଳ ଗ୍ରାମ୍ୟ ରାସ୍ତା କାମ ନିମ୍ନ ମାନର ହୋଇଥିବା ନେଇ ଆଲୋଚନା ହୋଇଥିଲା। ଏଥିପାଇଁ କଂଗ୍ରେସ ପକ୍ଷରୁ ଖୀଘ୍ର ବିକ୍ଷୋଭ କରାଯିବ ବୋଲି ସଭାପତି ସାହୁ କହିଛନ୍ତି। ନଗର ସଭାପତି ସୁନାରାମ ସାବତ, ରାମକୃଷ୍ଣ ପଣ୍ଡା, ପର୍ଶୁରାମ ସାହୁ, ଭଗବାନ ପଣ୍ଡା,ରାମ ନାରାୟଣ ବିଶ୍ୱାସରାୟ, ରାଜେନ୍ଦ୍ର ପ୍ରଧାନ ପ୍ରମୁଖ ବହୁ କଂଗେସ ନେତା ଓ କର୍ମୀ ଆଲୋଚନାରେ ଭାଗ ନେଇଥିଲେ।

# ଆଇନଜୀବୀଙ୍କ ବିୟୋଗରେ ଶୋକସଭା



ଦଣ୍ଡପାଣି ସ୍ୱାଇଁ ଉଦ୍‌ବୋଧନ ଦେଉଛନ୍ତି ।

ଭଞ୍ଜନଗର,୯।୯(ଡି.ଏନ.ଏ)

ସୁପ୍ରିମକୋର୍ଟର ବରିଷ୍ଠ ଆଇନଜୀବୀ ରାମ ଜେଠମାଲାନୀଙ୍କ ବିୟୋଗରେ ଭଞ୍ଜନଗର ବାର ଆସୋସିଏଶନ ପକ୍ଷରୁ ସୋମବାର ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଅଭିମନ୍ୟୁ ଗୌଡ଼ ଅଧକ୍ଷତା କରିଥିଲେ । ସମ୍ପାଦକ ଅଶୋକ ଜେନା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଆଇନଜୀବୀ ବିନୟ କୁମାର ରଥ, ଦଣ୍ଡପାଣି ସ୍ୱାଇଁ, ରାଧାକୃଷ୍ଣ ମହାପାତ୍ର, ସନ୍ତୋଷ ତିଆଡ଼ି ପ୍ରମୁଖ ଯୋଗଦେଇ ଜେଠମାଲାନୀଙ୍କ ସ୍ମୃତିଚାରଣ କରିଥିଲେ ।

# ଅଟୋ ସହ ବାର୍‌ହା ଧକ୍କା, ୬ ଆହତ

ବେଗୁନିଆପଡା,୯।୯(ଡି.ଏନ.ଏ.)

ବେଗୁନିଆପଡ଼ା ଫାଣ୍ଡି ବୁରୁଟରିଠାରୁ ସୁମଣ୍ଡଳ ରାସ୍ତା ମଝିରେ ସୋମବାର ଅଟୋ ସହ ଏକ ବାର୍‌ହା ଧକ୍କା ହେବାରୁ ୬ ଜଣ ଯାତ୍ରୀ ଆହତ ହୋଇଛନ୍ତି। ସେମାନେ ହେଲେ ହାଡୁ ମୁଦୁଲି, ଦୁବ ନାୟକ, ବିଷ୍ଣୁ ସେଠୀ, ସୁନ୍ଦରୀ ସାହୁ, ପ୍ରତିମା ବେହେରା ଓ ମାନି ଡାକୁଆ। ସମସ୍ତଙ୍କୁ ସୁମଣ୍ଡଳ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ହାଡୁଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ଅନ୍ୟଙ୍କୁ ଚିକିତ୍ସା ପରେ ଘରକୁ ପଠାଇ ଦିଆଯାଇଛି। ଅଟୋଟି ଯାତ୍ରୀଙ୍କୁ ନେଇ ସୁମଣ୍ଡଳରୁ ବେଗୁନିଆପଡ଼ା ଯିବା ବେଳେ ବଣିଆବାଡ଼ି ନିକଟରେ ରାସ୍ତା ପାର୍ଶ୍ୱ ଜଙ୍ଗଲରୁ ହଠାତ୍ ଏକ ବାର୍‌ହା ରାସ୍ତା ଉପରକୁ ଆସି ଅଟୋ ସହ ଧକ୍କା ହୋଇଥିଲା। ଫଳରେ ଦୁର୍ଘଟଣା ଘଟିଥିଲା।

# ସ୍ୱାମୀ ଶିବାନନ୍ଦ ସରସ୍ୱତୀଙ୍କ ଜନ୍ମ ଜୟନ୍ତୀ ପାଳିତ

ବୁଗୁଡ଼ା,୯।୯(ଡି.ଏନ.ଏ.)

ବୁଗୁଡ଼ା ଦିବ୍ୟ ଜୀବନ ସଂଘ ପକ୍ଷରୁ ରବିବାର ସ୍ଥାନୀୟ ଶିବାନନ୍ଦ ଆଶ୍ରମରେ ଶିବାନନ୍ଦ ସରସ୍ୱତୀ ମହାରାଜଙ୍କ ୧୩୧ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ସଂଘର ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ପାଢ଼ୀ, ସମ୍ପାଦକ ଲଳିତ ମୋହନ ପଟ୍ଟନାୟକ ଓ କୋଷାଧ୍ୟକ୍ଷ ଖଳି ପଣ୍ଡାଙ୍କ ତତ୍ତ୍ୱାବଧାନ କରିଥିଲେ। କାର୍ଯ୍ୟକ୍ରମ ଅନୁଯାୟୀ ସକାଳୁ ପ୍ରାର୍ଥନା, ମନ୍ତ୍ରପାଠ, ଜପ ଓ ଧ୍ୟାନ, ପାଦପୂଜା ଆଦି ଅନୁଷ୍ଠିତ ହୋଇଥିଲା। ପରେ ଶିବାନନ୍ଦଙ୍କ ପ୍ରତିମୂର୍ତ୍ତି ଧରି ସଂଘ ପକ୍ଷରୁ ନଗର ପରିକ୍ରମା କରାଯାଇଥିଲା। ଏହି ଅବସରରେ ବୁଗୁଡ଼ା ମେଡିକାଲରେ ରୋଗୀସେବା ମଧ୍ୟ କରାଯାଇଥିଲା। ଅପରାହ୍ନରେ ସତ୍‌ସଙ୍ଗ ଆୟୋଜନ କରାଯାଇ ସଂଘର କର୍ମକର୍ତ୍ତାମାନେ ଶିବାନନ୍ଦଙ୍କ ଆଦର୍ଶ ଜୀବନୀ ଉପରେ ଆଲୋଚନା କରିଥିଲେ । ଏଥିସହ ଭଜନ କୀର୍ତ୍ତନ, ଗୀତା ପାଠ, ସ୍ୱାଧ୍ୟାୟ, ବିଶ୍ୱଶାନ୍ତି ମନ୍ତ୍ର ଓ ଆରତି କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମରେ ଦେବେନ୍ଦ୍ର ପରିଡ଼ା, ବିଷ୍ଣୁ ପ୍ରସାଦ ପାତ୍ର, ଅଳକା ପଣ୍ଡା, ଡ.ଦୟାନିଧି ରାଉତ, କାଶୀନାଥ ବିଷୋୟୀ, ମନୋଜ କୁମାର ଚୌଧୁରୀଙ୍କ ସମେତ ବହୁ ଭକ୍ତ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଭେଣ୍ଡିଂ ଜୋନ୍ ପାଇଁ ଜିଲାପାଳଙ୍କୁ ଭେଟିଲେ ବ୍ୟବସାୟୀ

ଛତ୍ରପୁର,୯।୯(ଡି.ଏନ.ଏ.):

ଛତ୍ରପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ଓ ହସ୍ପିଟାଲ ପାର୍ଶ୍ୱରୁ ବ୍ୟାଙ୍କ ଛକ ପର୍ଯ୍ୟନ୍ତ ରାସ୍ତା କଡ଼ରେ ଥିବା ବ୍ୟବସାୟୀଙ୍କ କ୍ୟାବିନ୍‌ଗୁଡିକୁ ଏନ୍‌ଏସି ପକ୍ଷରୁ ଉଚ୍ଛେଦ କରାଯିବ । ଉକ୍ତ ସ୍ଥାନରେ ଭେଣ୍ଡିଂ ଜୋନ୍ ସ୍ଥାପନ କରିବାକୁ ଏନ୍‌ଏସି ପକ୍ଷରୁ ପୂର୍ବରୁ ସ୍ଥିର ହୋଇଛି । ଏଥିପାଇଁ ବ୍ୟବସାୟୀମାନଙ୍କୁ ନୋଟିସ୍ ଦିଆଯାଇଛି । ଦୀର୍ଘବର୍ଷ ହେଲା ରାସ୍ତା କଡ଼ରେ କ୍ୟାବିନ ପକାଇ ବ୍ୟବସାୟୀମାନେ ବିଭିନ୍ନ ଦୋକାନ କରି ପରିବାର ପ୍ରତିପୋଷଣ କରୁଛନ୍ତି। ତେଣୁ ଭେଣ୍ଡିଂ ଜୋନ୍ ସ୍ଥାପନ କରି ଥଇଥାନ କରିବାକୁ ସେମାନେ ସୋମବାର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ଭେଟି ଅନୁରୋଧ କରିଛନ୍ତି। ଛତ୍ରପୁରର ଅନ୍ୟ ସ୍ଥାନରେ ରାସ୍ତା ପାର୍ଶ୍ୱରେ ଥିବା କ୍ୟାବିନ୍‌କୁ ମଧ୍ୟ ଉଚ୍ଛେଦ କରାଯିବ ବୋଲି ଜଣାପଡିଛି।

■ ପୋଲ ଉପରେ ବନ୍ୟା ପାଣି

# ବିପଦପୂର୍ଣ୍ଣ ଯାତ୍ରା କରୁଛନ୍ତି ଲୋକେ

ଚନ୍ଦ୍ରଗିରି,୯।୯(ଡି.ଏନ.ଏ.)



ଢେପାଗୁଡା ପାପଏଙ୍କୁ ନଦୀରେ ଲୋକେ ବିପଦପୂର୍ଣ୍ଣ ଭାବେ ଯାତ୍ରା କରୁଛନ୍ତି।

ମୋହନାର ବିଭିନ୍ନ ସ୍ଥାନରେ ଗତ କିଛି ଦିନ ହେଲା ବର୍ଷା ଲାଗି ରହିଛି। ଏହା ଦ୍ୱାରା ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ପାଉଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ବର୍ଷା ଯୋଗୁ ମୋହନା ବ୍ଲକରୁ ପ୍ରାୟ ୪୦ କିମି ଦୂର ଦୁର୍ଗମ ଅଞ୍ଚଳ ଗରଡମା ପଞ୍ଚାୟତର ଢେପାଗୁଡା ପାପଏଙ୍କୁ ପୋଲ ଉପରେ ୪ ଦିନ ହେଲା ଅଣ୍ଟାଏ ଉଚ୍ଚରେ ପାଣି ଚାଲୁଥିଲା। ରବିବାର ସନ୍ଧ୍ୟା ସୁଦ୍ଧା ସେଠାରେ ପାଣି ସାମାନ୍ୟ କମିଥିଲେ ମଧ୍ୟ ଲୋକମାନେ ବିପଦପୂର୍ଣ୍ଣ ଭାବେ ଯାତାୟାତ କରୁଥିବା ଦେଖିବାକୁ ମିଳିଛି। ପୋଲରେ ପ୍ରଖର ଗତିରେ ପାଣି ଯାଉଥିବାରୁ ପାପଏଙ୍କୁ, ଢେପାଗୁଡା, ରାଜଖମା, ତେଲେଙ୍ଗାବନ୍ଧ ତଥା ଉକ୍ତ ପଞ୍ଚାୟତ ସମେତ ୨୫ ରୁ ୩୦ ଖଣ୍ଡ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତାର ଉଭୟ ପଟେ ଗାଡ଼ି ଅଟକି ରହୁଥିବା ବେଳେ ଅତି ଜରୁରିକାଳୀନ ସେବା ପାଇଁ ଆମ୍ବୁଲାନ୍ସ ମଧ୍ୟ ଆସିପାରୁନି। ଅଞ୍ଚଳକୁ ପୂର୍ବରୁ ପକ୍କା ରାସ୍ତା ନ ଥିବାରୁ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ଗତ କିଛି ବର୍ଷ ହେଲା ପକ୍କା ସଡକ ନିର୍ମାଣ ହୋଇଥିଲା। କିନ୍ତୁ ରାସ୍ତା ମଧ୍ୟରେ ଢେପାଗୁଡା ପାପଏଙ୍କୁ ନଦୀ ପଡୁଥିବାରୁ ଏହାର ଜଳସ୍ତର ତୁଳନାରେ କମ୍ ଉଚ୍ଚର ବ୍ରିଜ ନିର୍ମାଣ ହୋଇଛି। ଫଳରେ ସାମାନ୍ୟ ବର୍ଷା ହେଲେ ବ୍ରିଜ ଉପରେ ପ୍ରଖର ସ୍ରୋତରେ ବର୍ଷା ଜଳ ପ୍ରବାହିତ ହେଉଛି। ଏ ନେଇ ଅଞ୍ଚଳର ଜନପ୍ରତିନିଧି, ଅଞ୍ଚଳବାସୀ ବାରମ୍ବାର ବିଭାଗୀୟ ଅଧିକାରୀ, ଜିଲାପାଳ ଏବଂ ବହୁ ରାଜନେତାଙ୍କୁ ଜଣାଇ ଥିଲେ ମଧ୍ୟ କୌଣସି ସୁଫଳ ମିଳିଥିବା ଗରଡମା ସରପଞ୍ଚ ନରେଶ ମୁଠାମାଝି କହିଛନ୍ତି। ସାମାନ୍ୟ ବର୍ଷା ହେଲେ ନଦୀ ଦୁଇପଟ କୂଳ ଖାଇ ରାସ୍ତା ଖାଲଖମା ହେଉଥିବାରୁ ପ୍ରତିଦିନ ଦୁର୍ଘଟଣା ଘଟୁଛି। ତେବେ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଉଚ୍ଚା ପୋଲ ନିର୍ମାଣ କରିବାକୁ ଲୋକେ ଦାବି କରିଛନ୍ତି।

## ସଂକ୍ଷେପରେ

### ରାସ୍ତା ସମ୍ପ୍ରସାରଣ ବେଳେ ପଥର ବ୍ଲାଷ୍ଟିଂକୁ ନେଇ ଅସନ୍ତୋଷ



**ଦାରିଙ୍ଗବାଡ଼ି,୯।୯(ଡି.ଏନ.ଏ):** ଦାରିଙ୍ଗବାଡ଼ିଠାରୁ ବାଲିଗୁଡ଼ା ପର୍ଯ୍ୟନ୍ତ ୫୯ ନଂ. ଜାତୀୟ ରାଜପଥର ସଂପ୍ରସାରଣ କାର୍ଯ୍ୟ ଚାଲିଛି। ଦାରିଙ୍ଗବାଡି ବ୍ଲକ ଦଣ୍ଡିମା ଗ୍ରାମର ସିର୍ସାମାହା ଠାରେ ପଥର ଫଟାଯାଉଛି। ଏଥିରେ ଅଞ୍ଚଳବାସୀ ଭୟଭୀତ ହୋଇ ଏଭଳି ପ୍ରଚଣ୍ଡ ଶବ୍ଦ କରା ନ ଯିବାକୁ ଦାବି କରିଛନ୍ତି। ୧୦୦ ମିଟର ଦୂରରେ ଘର କରିରହିଥିବା ବୃଦ୍ଧା ପାର୍ବତୀ ବିନ୍ଧାଣୀ ତାଙ୍କ ଝିଅ ରୁବିତା, ଗ୍ରାମର ଅନିରୁଦ୍ଧ ପ୍ରଧାନ ଓ ଡେଡିଙ୍ଗୀ ମାଝିଙ୍କ ସମେତ ସିର୍ସାମାହା ଗ୍ରାମବାସୀ କାହିଁକି ଏଭଳି ବିନା ଅନୁମତି ଏବଂ ଜନବିରୋଧି କାର୍ଯ୍ୟ କରାଯାଉଛି ବୋଲି ପ୍ରଶ୍ନ ଉଠାଇଛନ୍ତି। ସୋମବାର ଏବଂ ମଙ୍ଗଳବାର ଦୁଇଦିନ ଧରି ଉକ୍ତ ରାଜପଥରେ ଏକ ପୋଲ ନିର୍ମାଣ ବେଳେ ଏହି ବ୍ଲାଷ୍ଟିଂ କରାଯାଇଥିବା ଦେଖିବାକୁ ମିଳିଛି। ମଙ୍ଗଳବାର ଅପରାହ୍ନରେ ଦଣ୍ଡିମା ଗ୍ରାମବାସୀ ବ୍ଲାଷ୍ଟିଂ ବନ୍ଦ କରିବାକୁ ଦାବି କରିଥିଲେ। ହେଲେ ଠିକାଦାର ସଂସ୍ଥାର କର୍ମଚାରୀ ଏହା ନମାନି ରାଜପଥର ଦୁଇ ପାଖକୁ ଅବରୋଧ କରି ସମସ୍ତ ଯାତାୟତ କରୁଥିବା ଯାନବାହନକୁ ବନ୍ଦ କରି ପଥର ବ୍ଲାଷ୍ଟିଂ କରିଥିଲେ। ଦିନ ଦ୍ୱିପ୍ରହରେ ଏଭଳି ବ୍ଲାଷ୍ଟିଂ କରାଯାଉଥିଲେ ସୁଦ୍ଧା ପ୍ରଶାସନିକ ଅଧିକାରୀଙ୍କ ନିକଟରେ ଏଭଳି କୌଣସି ସୂଚନା ନାହିଁ। ଠିକା ସଂସ୍ଥା ନିଜ କ୍ରଶର ନିକଟରେ ଲିଜ ନେଇଥିବା ପାହାଡ଼କୁ ଛାଡ଼ିଦେଲେ ରାଜପଥ ଉପରେ ଏଭଳି ବେଆଇନ ଭାବେ ବ୍ଲାଷ୍ଟିଂ କରିପାରିବ ନାହିଁ ବୋଲି ଦାରିଙ୍ଗବାଡ଼ି ତହସିଲଦାର ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟଯେ ପଥର ଯେଉଁ ଠାରେ ବ୍ଲାଷ୍ଟିଂ କରାଯାଇଛି ସେହି ନିକଟରେ ଜନବସତି ରହିଛି । ଜଣେ ବ୍ୟକ୍ତିଙ୍କ ଘରର ଟିଣ ଛପର ନଷ୍ଟ ହୋଇଥିବା ବେଳେ ଠିକା ସଂସ୍ଥା ପକ୍ଷରୁ ତାଙ୍କୁ ଏକ ଟିଣ ଯୋଗାଇ ଦିଆଯାଇଥିବା ଘର ମାଲିକ କହିଛନ୍ତି।

### ପୃଥକ୍ ସ୍ଥାନରୁ ନାଗସାପ ଉଦ୍ଧାର



**ବୁଗୁଡ଼ା,୯।୯(ଡି.ଏନ.ଏ.):** ବୁଗୁଡ଼ା ବ୍ଲକ ଅନ୍ତର୍ଗତ ମହୁଲପଲ୍ଲୀ ଏବଂ ଭାମଶିଆଳି ଗ୍ରାମରୁ ସୋମବାର ବି.କରଡ଼ାବାଡ଼ିର ସ୍ନେକ୍ ହେଲପ୍ ଲାଇନ କର୍ମୀ ହରିଶ ୨ଟି ନାଗସାପ ଉଦ୍ଧାର କରିଛନ୍ତି। ଭାମଶିଆଳି ଗ୍ରାମର ରବି ସାହୁଙ୍କ ଘରୁ ୫ ଫୁଟ ଲମ୍ବର ନାଗସାପ ଉଦ୍ଧାର କରାଯାଇଥିବା ବେଳେ ମହୁଲପଲ୍ଲୀର ହେମନ୍ତ ପ୍ରଧାନଙ୍କ କୁକୁଡ଼ା ଫାର୍ମରେ ଏକ କୂଅରୁ ମଧ ୫ ଫୁଟ ଲମ୍ବର ନାଗସାପ ଉଦ୍ଧାର ହୋଇଛି। ସାପ ୨ଟିକୁ ହରିଶ ନିକଟସ୍ଥ ଜଙ୍ଗଲରେ ଛାଡ଼ି ଦେଇଛନ୍ତି।

■ ପରିବାର କଲ୍ୟାଣ ଅସ୍ତ୍ରୋପଚାର ବିଫଳ ଘଟଣା

# ମେଡିକାଲରେ ମହିଳାଙ୍କ ସହ ପରିବାର

## ମିଳିବ ସରକାରୀ ସହାୟତା

**ଫୁଲବାଣୀ ଅଫିସ, ୯।୯**

ପରିବାର କଲ୍ୟାଣ ଅସ୍ତ୍ରୋପଚାର ବିଫଳ ହେବା ପରେ କନ୍ଧମାଳ ଜିଲା ବାଲିଗୁଡା ବ୍ଲକ ନୂଆସାହି ଗ୍ରାମର ରେଖା ନାୟକ ପିଲା ଜନ୍ମ ଦେବା ପାଇଁ ଫୁଲବାଣୀ ମେଡିକାଲରେ ରହିବା ଇତିମଧ୍ୟରେ ୧୦ ଦିନ ବିତିଛି । ହେଲେ ମେଡିକାଲ କର୍ତ୍ତୃପକ୍ଷ ତାଙ୍କ ପାଖକୁ ଯାଇ ଘଟଣା ବିଷୟରେ ପଚାରି ବୁଝିନାହାନ୍ତି। ଯାହାକୁ ନେଇ ରେଖା ଏବଂ ତାଙ୍କ ସ୍ୱାମୀ ସୁବାସ ନାୟକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଦେହର ଅବସ୍ଥା ଯାହା ରହିଛି ଛାଡ, ଏପଟେ ବର୍ଷକର ପିଲାକୁ ଧରି ମେଡିକାଲରେ ରହିବା ଆଉ ସେମାନଙ୍କ ପକ୍ଷେ ସମ୍ଭବ ହେଉନାହିଁ। ପିଲାର ଯତ୍ନ ଅଭାବରୁ ସେ ଦୁର୍ବଳ ହୋଇଗଲାଣି। ସେହିପରି ପିଲା ଜନ୍ମ ପାଇଁ ଡାକ୍ତର ୧୦ ତାରିଖକୁ ଡେଟ ଦେଇଛନ୍ତି । ଯଦି ଏହି ସମୟରେ ପିଲା ଜନ୍ମ ନ ହେବ, ତାହାଲେ ଅସ୍ତ୍ରୋପଚାର କରାଯିବ ବୋଲି କହିଛନ୍ତି। ଗରୀବ ସୁବାସ ୧୦ ଦିନ ଧରି ପିଲା ଏବଂ ସ୍ତ୍ରୀଙ୍କୁ ନେଇ ମେଡିକାଲରେ ପଡି ରହିଥିବାରୁ ତାଙ୍କ ପାଖରୁ ଅର୍ଥ ସରି ଆସିଲାଣି। ସେପଟେ ମେଡିକାଲ ପ୍ରଶାସନିକ ଅଧିକାରୀ ତାଙ୍କୁ ନ ଭେଟିବାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି । ଅନ୍ୟପକ୍ଷରେ ଯଦି ଅସ୍ତ୍ରୋପଚାର ବିଫଳ ହୋଇଥିବ ତାହାଲେ ତାଙ୍କୁ ସରକାରୀ ସହାୟତା ମିଳିବ ବୋଲି ମେଡିକାଲ ପ୍ରଶାସନ ପକ୍ଷରୁ କୁହାଯାଇଛି ।

ସୂଚନାଯୋଗ୍ୟ, ଫେବୃୟାରୀ ୪ରେ ବାରଖମା ମେଡିକାଲରେ ପରିବାର କଲ୍ୟାଣ ଅସ୍ତ୍ରୋପଚାର କ୍ୟାମ୍ପ କରାଯାଇଥିଲା । ସେଠାରେ ମହିଳାମାନଙ୍କ ଅସ୍ତ୍ରୋପଚାର କରାଯାଇଥିଲା। ଆଶାଦିଦି ଜାହ୍ନବୀ ପାତ୍ର ଉକ୍ତ କ୍ୟାମ୍ପକୁ ରେଖାଙ୍କୁ ନେଇ ଯାଇଥିଲେ। ସେଠାରେ ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା। ହେଲେ ଅସ୍ତ୍ରୋପଚାର ସମ୍ବନ୍ଧୀୟ କୌଣସି ପ୍ରମାଣପତ୍ର ଦିଆଯାଇ ନ ଥିଲା। ସେଠାରୁ ଆସିବାର କିଛି ଦିନ ପରେ ରେଖା ଗର୍ଭବତୀ ଥିବା ଜଣାପଡିଥିଲା । ସ୍ୱାମୀ ସୁବାସ ବାଲିଗୁଡା ଏବଂ ବାରଖମା ମେଡିକାଲ କର୍ତ୍ତୃପକ୍ଷଙ୍କ ଦୃଷ୍ଟିକୁ ଘଟଣା ଆଣିଥିଲେ ହେଁ କେହି ଗୁରୁତ୍ୱ ଦେଇ ନ ଥିଲେ । ବାଧ ହୋଇ ସୁବାସ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ଉପରେ ଦୃଷ୍ଟି ଦେଇଥିଲେ ।

ଗତ ୩୧ ତାରିଖରୁ ଆସି ମେଡିକାଲରେ ଅଛୁ । ଡାକ୍ତରଙ୍କ ଛଡା ଆମ ପାଖକୁ ଅନ୍ୟ କେହି ଅଧିକାରୀ ଆସି ନାହାନ୍ତି । ବର୍ଷକର ଛୋଟ ପିଲାକୁ ଧରି ଏଠି ରହିବାର ୧୦ ଦିନ ବିତିଲାଣି। ପାଖରେ ଟଙ୍କା ପଇସା ନାହିଁ । ଯେତିକି ଆଣିଥିଲି ସରିଗଲାଣି । ପିଲା ଜନ୍ମ ପାଇଁ ଡାକ୍ତର ୧୦ ତାରିଖକୁ ସମୟ ଦେଇଛନ୍ତି । ଅସ୍ତ୍ରୋପଚାର କରିବା ପରେ ଆମକୁ ଏହି ଦଶା ଭୋଗିବାକୁ ପଡିଲା । ସରକାରୀ ସହାୟତା ମିଳିନାହିଁ ବୋଲି ରେଖାଙ୍କ ସ୍ୱାମୀ ସୁବାସ କହିଛନ୍ତି । ଏ ନେଇ ଅତିରିକ୍ତ ଜିଲା ଚିକିତ୍ସାଧିକାରୀ(ପରିବାର କଲ୍ୟାଣ) ପ୍ରସନ୍ନ ତ୍ରିପାଠୀଙ୍କୁ ପଚାରିବାରୁ ପରିବାର କଲ୍ୟାଣ ଅସ୍ତ୍ରୋପଚାରର ୧୦୦ଟି କେସ୍‌ରୁ ଗୋଟିଏ କିମ୍ବା ଦୁଇଟି ଫେଲ ହୋଇପାରେ । ଯଦି ସେପରି ହୋଇଥିବ ତା ହେଲେ ସରକାରଙ୍କ ନିୟମ ରହିଛି ତାଙ୍କୁ ସହାୟତା ମିଳିବ । ଫେବୃୟାରୀରୁ ଅସ୍ତ୍ରୋପଚାର ହୋଇଥିଲେ ପ୍ରମାଣପତ୍ର ମିଳିଯିବା କଥା । କାହିଁକି ମିଳିନାହିଁ ତାହା ବୁଝି କହିବି ବୋଲି ପ୍ରକାଶ କରିଛନ୍ତି ।

## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର



ଶିବିରରେ ଜଣେ ବ୍ୟକ୍ତିଙ୍କଠାରୁ ରକ୍ତ ସଂଗ୍ରହ କରାଯାଉଛି।

**ଫୁଲବାଣୀ ଅଫିସ, ୯।୯**

ଫୁଲବାଣୀ ବ୍ଲକ ବିଶିପଡା ପଞ୍ଚାୟତ ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ୧୪ ଗାଁ କଲ୍ୟାଣ ସମିତି ସହଯୋଗରେ ଏକ ସେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ବିଶିପଡା ସରପଞ୍ଚ ମାନସୀ ମଲ୍ଲିକ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଗୁମାଗଡ ବିପିଏଚଓ ଡା.କଳ୍ପନା ଦଳେଇ, ମେଡିକାଲ ଅଫିସର ଡା.ଜିତେନ କୁମାର ଜେନା, ଫୁଲବାଣୀ ସିଡିପିଓ ସୁବର୍ଣ୍ଣମାଳା ଜେନା, ଗୋଷ୍ଠୀ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଜ୍ୟୋସ୍ନାରାଣୀ ମହାନ୍ତି, ପଞ୍ଚାୟତ ନିର୍ବାହୀ ଅଧିକାରୀ ଶିଶିର କୁମାର ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ । ଫୁଲବାଣୀ ରକ୍ତଭଣ୍ଡାର ଅଧିକାରୀ ଡା.ସୁନିଲ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଏଲଟି ଶରତଚନ୍ଦ୍ର ଭଞ୍ଜ, ସୁଜିତ କୁମାର ସାହୁ, ଦୀନକୃଷ୍ଣ ମହନ୍ତ, ତୁଷାରକାନ୍ତ ପ୍ରଧାନ ଓ ବରୁଣ ବେହେରା ରକ୍ତ ସଂଗ୍ରହ କରିଥିଲେ। ଏହି ଶିବିରରେ ମୋଟ ୬୪ ଜଣ ରକ୍ତଦାତା ସ୍ୱେଚ୍ଛାକୃତ ଭାବରେ ରକ୍ତଦାନ କରିଥିଲେ । ଫୁଲବାଣୀ ରକ୍ତଦାନ ସମିତି ସହ ସମ୍ପାଦକ ପ୍ରଶାନ୍ତ କୁମାର ବେହେରା, ସଦସ୍ୟ ଭି.ଲୋକନାଥ ରାଜୁ, ଆଶିଷ କୁମାର ବେହେରା, ଶଶିଭୂଷଣ ପ୍ରଧାନ, ଅଶୋକ କୁମାର ପରିଡା ଏବଂ ଅନ୍ୟମାନେ ସହାୟତା କରିଥିଲେ ।

# ସରକାରୀ ସହାୟତା ଅପେକ୍ଷାରେ ବାପ, ଝିଅ

**ହୃରଞ୍ଜନ ସେଠୀ**
**ଫିରିଙ୍ଗିଆ, ୯।୯**

ଏକ ସଡ଼କ ଦୁର୍ଘଟଣାରେ ହାତ ହରାଇଥିବା ବାପା କରୁଣାକର କ୍ଷେତି ଓ ଗୋଡ ହରାଇଥିବା ଝିଅ ଅର୍ଚ୍ଚିତା ଏବେ ବହୁ ଦୁଃଖ ଦୁର୍ଦ୍ଦଶାରେ କାଳାତିପାତ କରୁଛନ୍ତି । ଏମାନଙ୍କୁ ଏ ପର୍ଯ୍ୟନ୍ତ ସରକାରୀ ସହାୟତା ମିଳିନାହିଁ। ସେପଟେ ମେଡିକାଲରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇଛି । ଘର ଚଳାଉଥିବା ମୁଖ୍ୟଙ୍କ ହାତ କଟା ହୋଇଥିବାରୁ ପରିବାରର ଭବିଷ୍ୟତ ଅନ୍ଧକାରମୟ ହୋଇପଡ଼ିଛି । ଏଭଳି ଘଟଣା ଫିରିଙ୍ଗିଆ ବ୍ଲକ ପଲାବୃତି ପଞ୍ଚାୟତ ସ୍ରାଡିମୁଣ୍ଡାରେ ଦେଖିବାକୁ ମିଳିଛି ।

ସ୍ରାଡିମୁଣ୍ଡା ଗ୍ରାମର କରୁଣାକର କ୍ଷେତିଙ୍କ ଝିଅ ଅର୍ଚ୍ଚିତା ବିଶିପଡାସ୍ଥିତ ମଲ୍ଲିକପଡା ମାମୁ ଘରେ ରହୁଥିଲେ। ସେ ମଲ୍ଲିକପଡା ପ୍ରାଥମିକ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରେ ପଢୁଥିଲେ । ଗତ ଜାନୁୟାରୀରେ ମା’ ବାପା ସେଠାକୁ ଆସି ଅର୍ଚ୍ଚିତାଙ୍କୁ ନେଇ ବାଇକ୍‌ରେ ଘରକୁ ଫେରୁଥିଲେ । ଫିରିଙ୍ଗିଆ ପାଖରେ ଅଟକି ହାଟ ସାରି ବାଇକ୍‌ରେ ସ୍ରାଡିମୁଣ୍ଡାକୁ ଯାଉଥିବା ବେଳେ ବରେବାଟା ପାଖରେ ଏକ ଅଟୋ ସହ ସେମାନଙ୍କର ଧକ୍କା ହୋଇଥିଲା । ଗୁରୁତର ଅବସ୍ଥାରେ ସମସ୍ତଙ୍କୁ ଫିରିଙ୍ଗିଆ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ହେଲେ ବାପ ଝିଅଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ସେମାନଙ୍କୁ ବ୍ରହ୍ମପୁର ବଡ ମେଡିକାଲ ପଠାଯାଇଥିଲା । ସେଠାରେ ଅର୍ଚ୍ଚିତାଙ୍କ ଡାହାଣ ଗୋଡ ଏବଂ କରୁଣାକରଙ୍କ ଡାହାଣ ହାତ କଟା ଯାଇଥିଲା । ଏଥିରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇଥିଲା । ସେତେବେଳେ ଅଟୋ ମାଲିକ ୨୫ ହଜାର ଟଙ୍କା ସହାୟତା ଦେଇଥିଲେ । ହେଲେ ଆଜି ପର୍ଯ୍ୟନ୍ତ ଦୁର୍ଘଟଣା ଜନିତ କୌଣସି ସହାୟତା ସରକାରଙ୍କ ପକ୍ଷରୁ ମିଳିନାହିଁ । ସେପଟେ ଗୋଡ କଟା ହୋଇଥିବାରୁ ଅର୍ଚ୍ଚିତା ପାଠ ପଢ଼ିବାକୁ ସ୍କୁଲ ଯାଇପାରୁ ନାହାନ୍ତି । କରୁଣାକର ହାତ ହରାଇ ଥିବାରୁ କାମ ଧନ୍ଦା କରି ପାରୁନାହାନ୍ତି । ପ୍ରତି ମାସରେ ବ୍ରହ୍ମପୁର ଯାଇ ଚେକ୍‌ଅପ କରିବାରେ ବହୁ ଟଙ୍କା ଖର୍ଚ୍ଚ ହେଉଛି । ଏଭଳି ସ୍ଥିତିରେ ସରକାରଙ୍କ ପକ୍ଷରୁ ତୁରନ୍ତ ଆର୍ଥିକ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି କରଯାଇଛି ।



ପରିବାର ସହ କରୁଣାକର।

# ବର୍ଷାରେ ଧୋଇଗଲା ପିସୁବନ୍ଧା ନାଳ ପୋଲର ଦୁଇପାର୍ଶ୍ୱ

**କୋଟଗଡ,୯।୯(ଡି.ଏନ.ଏ.)**

କୋଟଗଡ ବ୍ଲକରେ ଗତ ୪ଦିନ ଧରି ଲଗାଣ ବର୍ଷା ଯୋଗୁ ପିସୁବାନ୍ଧା ନାଳ ପୋଲର ଦୁଇ ପାର୍ଶ୍ୱ ଧୋଇ ହୋଇଯାଇଛି। ଦୁରିକୁପୁଡା ଦେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମାଣ ହେଉଥିବା ରାସ୍ତା ରାଣିପଙ୍ଗା, ପକାରି ଗ୍ରାମପଞ୍ଚାୟତକୁ ଏହି ନାଳ ସଂଯୋଗ କରୁଛି। ପିସୁବନ୍ଧା ନାଳ ଉପରେ ଠିକା କମ୍ପାନୀ ଦ୍ୱାରା ନୂତନ ଭାବେ ଏକ ପୋଲ ନିର୍ମାଣ ହୋଇଥିଲା। ବର୍ଷାରେ ପୋଲର ଦୁଇପାର୍ଶ୍ୱ ଧୋଇ ହୋଇଯିବା ଫଳରେ ପକାରି, ରାଣିପଙ୍ଗା, ମାର୍ଲାଙ୍ଗା, ସୁବର୍ଣ୍ଣଗିରି ଗ୍ରାମପଞ୍ଚାୟତବାସୀଙ୍କ ଯାତାୟାତ ଠପ୍ ହୋଇଯାଇଛି। ବ୍ଲକ ସଦର ମହକୁମାକୁ ଦୈନନ୍ଦିନ କାମ ପାଇଁ ଓ ଏହି ପଞ୍ଚାୟତବାସୀ କୋଟଗଡ ଡାକ୍ତରଖାନା ଉପରେ ନିର୍ଭର କରନ୍ତି। ଯାତାୟାତର ସୁବିଧା ନ ଥିବାରୁ ଅସୁବିଧା ହେଉଛି। ଏଥିସହ ପିଡିଏସ୍ ଚାଉଳ, କିରୋସିନ, ଚିନି ଆଣିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାଦ୍ୱାରା ଗରିବ ଲୋକ ଭୋକ ଉପାସରେ ରହୁଥିବା ପକାରି ସମିତିସଭ୍ୟ ଅଙ୍ଗଦ ନାୟକ, ରାଣିପଙ୍ଗା ସରପଞ୍ଚ ଜହନ ପ୍ରଧାନ, ଜାକବ ପ୍ରଧାନ ପ୍ରକାଶ କରିଛନ୍ତି।



ଧୋଇ ହୋଇଯାଇଥିବା ପିସୁବନ୍ଧା ନାଳ ପୋଲର ଦୁଇ ପାର୍ଶ୍ୱ।

## ମଦ ଜବତ, ଜଣେ ଗିରଫ

**ଗୋପାଳପୁର,୯।୯**

ଚୋରା ଦେଶୀ ମଦ ବିକ୍ରି କରିବା ଅଭିଯୋଗରେ ଗୋଳନ୍ଥରା ଥାନା ପୋଲିସ ଜଣେ ଯୁବକଙ୍କୁ ସୋମବାର ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ନୂଆ ଜୁଗୁଡି ଗ୍ରାମର ନାରାୟଣ ଦାସ। ନୂଆ ଜୁଗୁଡି ଗ୍ରାମରେ ନାରାୟଣ କିଛିଦିନ ହେଲା ନାରାୟଣ ମଦ ବିକ୍ରି କରୁଥିବା ପୋଲିସ ଖବର ପାଇ ଚଢ଼ାଉ କରିଥିଲା। ତାଙ୍କଠାରୁ ସାଢ଼େ ୬ ଲିଟର ଦେଶୀ ମଦ ଜବତ କରାଯାଇଛି। ନଂ.୨୧୯/୧୯ରେ ପୋଲିସ ଏକ ମାମଲା ରୁଜୁ କରିଛି।

# କନ୍ଧମାଳରେ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା ଦାବି

**ଫୁଲବାଣୀ ଅଫିସ, ୯।୯**

ଓଡ଼ିଶାର କେନ୍ଦ୍ରସ୍ଥଳରେ ଅବସ୍ଥିତ କନ୍ଧମାଳ ଏକ ଆଦିବାସୀ ବହୁଳ ପଛୁଆ ଜିଲା ଭାବେ ପରିଚିତ । ୮୦ ଭାଗ ଲୋକ ଏଠାରେ ଦାରିଦ୍ର୍ୟ ସୀମାରେଖା ତଳେ ଅଛନ୍ତି । ଏହି ଜିଲାରେ ସ୍ୱାସ୍ଥ୍ୟ ସେବା ଅପହଞ୍ଚ । ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକରେ ଆବଶ୍ୟକ ଭିତ୍ତିଭୂମି ନାହିଁ । ଡାକ୍ତର ଏବଂ ବିଶେଷଜ୍ଞ ପଦବୀ ଖାଲି ପଡୁଛି । ଫଳରେ ଏଠାରେ ସ୍ୱାସ୍ଥ୍ୟ ସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି । ରୋଗୀମାନଙ୍କୁ ବ୍ରହ୍ମପୁର, କଟକ, ଏବଂ ସମ୍ବଲପୁରସ୍ଥିତ ବୁର୍ଲା ମେଡିକାଲ୍ କଲେଜ୍‌କୁ ନେଇ ଚିକିତ୍ସା କରିବା ସମ୍ଭବ ହେଉନାହିଁ । ଇତିମଧ୍ୟରେ କେନ୍ଦ୍ର ସରକାର ୭୫ ସରକାରୀ ମେଡିକାଲ୍ କଲେଜ ଓ ହସ୍ପିଟାଲ୍ ଘୋଷଣା କରିଛନ୍ତି । ତେଣୁ ସେଥିମଧ୍ୟରୁ ଗୋଟିଏ କନ୍ଧମାଳ ଜିଲାରେ ପ୍ରତିଷ୍ଠା କରିବାକୁ ଜିଲା ମିଳିତ ନାଗରିକ କମିଟି ପକ୍ଷରୁ ଦାବି କରାଯାଇଛି ।

ଜିଲାର ସମସ୍ତ ସଚେତନ ନାଗରିକ, ସମସ୍ତ ସଂଗଠନ ଯଥା ବାର୍ ଆସୋସିଏଶନ୍, ପ୍ରେସ୍ କ୍ଲବ୍, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ମହିଳା ସଂଘ, ଟ୍ରକ, ଅଟୋ ଏବଂ ବସ୍ ଚାଳକ ସଂଘ, ବରିଷ୍ଠ ନାଗରିକ, ଅବସରପ୍ରାପ୍ତ ନାଗରିକ ଓ କର୍ମଚାରୀ ସଂଗ୍ରାମ ସମିତି, ରାଜନୈତିକ ବ୍ୟକ୍ତି ଓ ପ୍ରଶାସନିକ ଅଧିକାରୀ ଏହି ଆନ୍ଦୋଳନରେ ଯୋଗଦାନ କରିବାକୁ ରବିବାର ପ୍ରେସ୍ କ୍ଲବରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ଅନୁରୋଧ କରାଯାଇଛି । ବ୍ଲକ୍‌ସ୍ତରୀୟ କମିଟି, ବାଲିଗୁଡା ଓ ଜି.ଉଦୟଗିରିରେ ଆଞ୍ଚଳିକ କମିଟି ଏବଂ ଜିଲାସ୍ତରୀୟ କମିଟି ଗଠନ କରାଯାଇ ପ୍ରତିବାଦ ସଭା, ପୋଷ୍ଟର, ଲିଫ୍‌ଲେଟ୍ ମାଧ୍ୟମରେ ସମସ୍ତ ଜନସାଧାରଣଙ୍କୁ ସାମିଲ୍ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି ।

# ବିପଦସଙ୍କୁଳ ଅବସ୍ଥାରେ କାଣିଜୁର ପୋଲ

## ନାଲି ଝଣ୍ଡା ପୋତିଲେ ଇଷ୍ଟଦେବୀ କଳା ପରିଷଦ ସଦସ୍ୟ

**ଖଜୁରିପଡ଼ା,୯।୯(ଡି.ଏନ.ଏ.)**

ଖଜୁରିପଡ଼ା ବ୍ଲକ ଅଧୀନ ବାରପୁଲିଆରୁ ପକନାଗାଁ ପର୍ଯ୍ୟନ୍ତ ସଂଯୋଗ ହୋଇଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାରେ ପର୍ଯ୍ୟଟନ ସ୍ଥଳୀ ତଥା ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା’ ବରାଳ ଦେବୀ ପୀଠ ବଲସକୁମ୍ପା ନିକଟରେ କାଣିଜୁର ପୋଲ ରହିଛି। ଗତ କିଛିଦିନ ହେଲା ହୋଇଥିବା ଲଗାଣ ବର୍ଷାରେ ଏହି ପୋଲ ଦବି ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏ ନେଇ ସ୍ଥାନୀୟ ମା’ ଇଷ୍ଟଦେବୀ ଯୁବ କଳା ପରିଷଦ ପକ୍ଷରୁ ପୂର୍ବରୁ ଅଭିଯୋଗ ହୋଇଥିଲା ଏବଂ ଦୁଇଥର ଖବର ପ୍ରକାଶ ପାଇଥିଲା। କିନ୍ତୁ ବର୍ତ୍ତମାନ ଯାଏ ଜିଲା ପ୍ରଶାସନ କିମ୍ବା ଗ୍ରାମ୍ୟ ଉନ୍ନୟନ ବିଭାଗୀୟ ପ୍ରଶାସନ ପକ୍ଷରୁ ଏହାକୁ ଦେଖିବାକୁ ଆସିଲେ ନାହିଁ। ଫଳରେ ପୋଲ ଦିନକୁ ଦିନ ଅଧିକ ଦବିବାରେ ଲାଗିଛି। ଏହି ରାସ୍ତାରେ ବହୁ ଭାରିଯାନ ଯାଇଥିବା ନେଇ କାଳେ କେତେବେଳେ ଦୁର୍ଘଟଣା ଘଟିବ କହିହେବ ନାହିଁ। ତେଣୁ ସୋମବାର ଯୁବ କଳା ପରିଷଦ ପକ୍ଷରୁ ସଂଘର ମୁଖ୍ୟ ଉପଦେଷ୍ଟା ବୈଦ୍ୟନାଥ ବେହେରାଙ୍କ ନିର୍ଦ୍ଦେଶକ୍ରମେ ଉକ୍ତ ପୋଲ ଉପରେ ବିପଦ ସଂକେତ ଥିବା ନେଇ ଏକ ନାଲି ଝଣ୍ଡା ପୋତିବା ସହ ପଥର ବାରେକ୍ କରାଯାଇଛି। ଏଥିରେ ସଂଘର ସଦସ୍ୟ ପ୍ରଫୁଲ୍ଲ ବେହେରା, ରୋହିତ କୁମାର ବେହେରା, ବିଦ୍ୟୁର ବେହେରା, ଶଶାଙ୍କ ବେହେରା, ଲିଙ୍କନ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।



ନାଲି ଝଣ୍ଡା ପୋତୁଛନ୍ତି ଇଷ୍ଟଦେବୀ କଳା ପରିଷଦ ସଦସ୍ୟ।

■ ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍ୟବସ୍ଥା

# ସ୍ୱାସ୍ଥ୍ୟ ପରୀକ୍ଷା କରାଇବାକୁ ଆସି ଗର୍ଭବତୀ ହଟହଟା

**ଦାରିଙ୍ଗବାଡ଼ି,୯।୯(ଡି.ଏନ.ଏ)**

ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍ୟବସ୍ଥା ଲାଗି ରହିଛି। ଏଠାରେ ଚିକିତ୍ସାରେ ଅବହେଳା, ଅସ୍ୱାସ୍ଥ୍ୟକର ପରିବେଶ ଓ ନିୟମିତ ଡାକ୍ତର ରହୁ ନ ଥିବା ପୂର୍ବରୁ ଅଭିଯୋଗ ହୋଇଆସୁଛି । ତେବେ ସୋମବାର ପୁଣି ଏକ ଅବ୍ୟବସ୍ଥା ସାମ୍ନାକୁ ଆସିଛି। ସ୍ୱାସ୍ଥ୍ୟ ପରୀକ୍ଷା କରାଇବାକୁ ଆସି ଅଞ୍ଚଳର ଗର୍ଭବତୀମାନେ ହଟହଟା ହେବା ସହ ଭୋକରେ ଫେରିଛନ୍ତି।

ପ୍ରତି ମାସର ୯ ତାରିଖରେ ପ୍ରଧାନମନ୍ତ୍ରୀ ସୁରକ୍ଷା ମାତୃତ୍ୱ ଅଭିଯାନରେ ଗର୍ଭବତୀଙ୍କ ରକ୍ତ ନମୁନା, ମଧୁମେହ, ରକ୍ତଚାପ ଆଦି ପରୀକ୍ଷା କରାଯାଇଥାଏ ।। ଏହି ତାରିଖ ଛୁଟି ରହିଥିଲେ ପରଦିନ ଏସବୁ ପରୀକ୍ଷା କରାଯାଇ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ମାଗଣାରେ ଔଷଧ ଓ ତାଲିକା ପ୍ରକାରେ ବ୍ରେଡ, ଫଳ, ଅଣ୍ଡା, କ୍ଷୀର ଆଦି ଦିଆଯାଇଥାଏ । ଦୁର୍ଗମ ଅଞ୍ଚଳରୁ ଆସିଥିବା ଗର୍ଭବତୀମାନେ ସୋମବାର ସରକାରୀ ଛୁଟି ଥିବା ଜାଣି ନ ପାରି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ। ସେମାନଙ୍କ ମଧ୍ୟରୁ କେତେଜଣ ସୋମବାର ଛୁଟି ଶୁଣି ଫେରିଯାଇଥିଲେ। ଆଉ କେତେଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲେ ସୁଦ୍ଧା ରିପୋର୍ଟ ପ୍ରଦାନ କରାଯାଇ ପାରି ନ ଥିଲା କି ସେମାନଙ୍କ ନାମ ପଞ୍ଜୀକରଣ ହୋଇ ନ ଥିଲା। ନାମ ପଞ୍ଜୀକରଣ ହୋଇ ନ ପାରିବାରୁ ଗର୍ଭବତୀଙ୍କୁ ଭୋକରେ ନିଜ ଗ୍ରାମକୁ ଫେରିବାକୁ ପଡ଼ିଥିଲା । ମଧୁସ୍ମିତା ନାୟକ, ମାମିନୀ ଦିଗାଳ ପ୍ରମୁଖ ଦୂରଦୂରାନ୍ତରୁ ଆସି ନିରାଶରେ ଫେରିଥିବା କହିଛନ୍ତି। ମଙ୍ଗଳବାର ପୁଣି ଆସି ନାମ ପଞ୍ଜୀକରଣ କରିବାକୁ ପଡ଼ିବ ବୋଲି ସେମାନଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କୁହାଯାଇଛି। ଏ ନେଇ ବିପିଏମ୍ ଅମୂଲ୍ୟ କୁମାର ପାଣିଗ୍ରାହୀ କହିଛନ୍ତି, ୯ ତାରିଖରେ ଛୁଟି ପଡ଼ିଲେ ତା’ ପରଦିନ ଗର୍ଭବତୀଙ୍କୁ ନେଇ ଆସିବାକୁ ଆଶାକର୍ମୀମାନଙ୍କୁ ପୂର୍ବରୁ ସୂଚନା ଦିଆଯାଇଛି । ହେଲେ ଆଶାକର୍ମୀମାନେ ସଚେତନ ହେଉ ନ ଥିବାରୁ ଏଭଳି ହୋଇଛି। ନାମ ପଞ୍ଜୀକରଣ ନ ହେଲେ ମାଗଣା ଖାଦ୍ୟ ଦିଆଯାଇପାରିବ ନାହିଁ ୨୦୧୬ରୁ ନିୟମ ହୋଇଛି ବୋଲି ସେ କହିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ର ପାଥୋଲୋଜି ଟେକନିସିଆନ ସରୋଜ କୁମାର ଦାସ କହିଛନ୍ତି, ଗର୍ଭବତୀମାନଙ୍କ ରକ୍ତ ନମୁନା ସହ ବିଭିନ୍ନ ପରୀକ୍ଷା କରାଯାଇଛି। ମଙ୍ଗଳବାର ରିପୋର୍ଟ ଦିଆଯିବ । ଛୁଟି ରହିଥିବାରୁ ଏହି ସମସ୍ୟା ହୋଇଥିବା କହିଛନ୍ତି। ତେବେ ଭୋକ ଉପାସରେ ଗର୍ଭବତୀଙ୍କୁ ଫେରାଇ ଦିଆଯିବା ଘଟଣାକୁ ଅଞ୍ଚଳବାସୀ ନିନ୍ଦା କରିଛନ୍ତି। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି ।



ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିବା ମହିଳାମାନେ।

## ଫୁଲବାଣୀ ସ୍ୱେଚ୍ଛାସେବୀ ମହାସଂଘ ବୈଠକ

**ଫୁଲବାଣୀ ଅଫିସ, ୯।୯**

ଫୁଲବାଣୀ ସ୍ୱେଚ୍ଛାସେବୀ ମହାସଂଘ (ପିଏଜି)ର ସାଧାରଣ ପରିଷଦ ବୈଠକ ସଭାପତି ରବୀନ୍ଦ୍ର କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ଫୁଲବାଣୀରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ବରିଷ୍ଠ ସାମାଜିକକର୍ମୀ ଧୋବେନ୍ଦ୍ରୀ ମହାପାତ୍ର, ଆରାଧନା ନନ୍ଦ ଓ ବାଜି ଆଞ୍ଚାଙ୍କ ଆତ୍ମାର ସଦ୍‌ଗତି ପାଇଁ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ମହାତ୍ମା ଗାନ୍ଧୀଙ୍କ ୧୫୦ବର୍ଷ ଜୟନ୍ତୀ ପାଳନ ଉପଲକ୍ଷେ ଜିଲାରେ ସପ୍ତାହ ବ୍ୟାପୀ ଗାନ୍ଧୀଙ୍କ ବିଚାର ଧାରା ପ୍ରଚାର କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଜିଲାରେ ନାବାଳିକା ବଳାତ୍କାର, ଆବାସିକ ବିଦ୍ୟାଳୟରେ ଶୋଷଣ, ଶିକ୍ଷା ବ୍ୟବସ୍ଥାର ଅବ୍ୟବସ୍ଥା, ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା, ପୁଷ୍ଟିକର ଖାଦ୍ୟରେ ଅନିୟମିତତା, ଯୁବତୀ ଯୁବକମାନଙ୍କୁ କର୍ମ ସଂସ୍ଥାନର ଅଭାବ ଉପରେ ଆଲୋଚନା କରାଯାଇଥିଲା। ପିଏଜି ଆବାହକ ଅଶୋକ ପରିଡା ସଦସ୍ୟମାନଙ୍କୁ ସ୍ୱାଗତ କରିଥିବା ବେଳେ ବରିଷ୍ଠ ମାର୍ଗଦର୍ଶକ ରାମଚନ୍ଦ୍ର ଦାଶ, ଉତ୍ସବ ଚନ୍ଦ୍ର ଜେନା ଓ ପାଉଲ୍ ପ୍ରଧାନ ପ୍ରମୁଖ ପରାମର୍ଶ ଦେଇଥିଲେ। ଶଶାଙ୍କ ଶେଖର ସାହୁ ଧନ୍ୟବାଦ ଦେଇଥିଲେ ।

## ସଂକ୍ଷେପରେ

### ଗୃହପାଳିତ ପ୍ରାଣୀଙ୍କୁ ବ୍ୟାପିଛି ଅଜଣା ରୋଗ



**ହାତୀଓଟ,୯।୯:** ପୋଲସରା ବ୍ଲକ ବର୍ଡିନି ପଞ୍ଚାୟତର ଝିଁଟିକାବାଡି- କୁଆନନ୍ଦ ଗ୍ରାମରେ କିଛିଦିନ ଧରି ଗୃହପାଳିତ ପ୍ରାଣୀମାନଙ୍କୁ ଏକ ଅଜଣା ରୋଗ ବ୍ୟାପିଛି। ଏହି ଦୁଇ ଗ୍ରାମର ଲୋକମାନେ ଗୋରୁ, ବଳଦ, ବାଛୁରୀଙ୍କ ପୋଲସରା ପ୍ରାଣୀ ଚିକିତ୍ସାଳୟରେ ଚିକିତ୍ସା କରିଥିଲେ। କିନ୍ତୁ ବର୍ତ୍ତମାନ ସୁଦ୍ଧା କୌଣସି ସୁଧାର ହୋଇପାରି ନଥିବାରୁ ଗ୍ରାମବାସୀ ଭୟଭୀତ ଅଛନ୍ତି। ଏହି ରୋଗ ପ୍ରଥମେ ପ୍ରାଣୀମାନଙ୍କ ଏକ ଅଂଶରୁ ଆରମ୍ଭ ହୋଇ ସେହି ଜାଗାଟି ଫୁଲି ମୋଟା ହୋଇଯାଏ। ପରେ ଗୁଳାଗୁଳା ସଦୃଶ୍ୟ ହୋଇ ଶରୀରଯାକ ମାଳିଯାଏ। ଫଳରେ ପ୍ରାଣୀମାନେ ଦୁର୍ବଳ ହୋଇଯାନ୍ତି। ପୋଲସରା ପ୍ରାଣୀ ଚିକିତ୍ସା ବିଭାଗର ଅଧିକାରୀ ନରେଶ ଜେନା ଗ୍ରାମକୁ ଯାଇ ପ୍ରାଣୀମାନଙ୍କୁ ଚିକିତ୍ସା କରିଥିଲେ। କିନ୍ତୁ କେଉଁ ପ୍ରକାର ରୋଗ ଜଣାପଡ଼ିନଥିବା ବେଳେ ଏହା ଏକ ଭୂତାଣୁ ଜନୀତ ରୋଗ ହୋଇପାରେ ବୋଲି କହିଛନ୍ତି। ତେଣୁ ଶୀଘ୍ର ଗଞ୍ଜାମ ଜିଲା ପ୍ରାଣୀ ଚିକିତ୍ସାଳୟ ଉକ୍ତ ଗ୍ରାମକୁ ଆସି ରୋଗର ପ୍ରତିକାର ବାହାର କରିବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି।

### ବର୍ଷାରେ ଦୁଇଟି ପୋଲର ପାର୍ଶ୍ୱ ଧୋଇଗଲା

**ଶେରଗଡ଼,୯।୯(ଡି.ଏନ.ଏ.):** ଶେରଗଡ଼ ସାମନ୍ତସାହିକୁ ଲାଗି ନନ୍ଦିନୀ ନଦୀ ଯାଇଛି। ଏହି ନଦୀ ଉପରେ ଡ୍ରେନେଜ ବିଭାଗ ପକ୍ଷରୁ ଦୁଇଟି ପାଦଚଲା ପୋଲ ନିର୍ମାଣ ହୋଇଥିଲା। ଗତ ଦୁଇ ଦିନ ଧରି ଲଗାଣ ବର୍ଷାରେ ଏହି ପାଦ ଚଲା ପୋଲର ପାର୍ଶ୍ୱ ସମ୍ପୂର୍ଣ୍ଣ ଧୋଇ ହୋଇ ଯାଇଛି। ଫଳରେ ଶେରଗଡ଼ର ଶତାଧିକ ଚାଷୀ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଏପରିକି ଯାତାୟାତରେ ବହୁତ ବାଧା ସୃଷ୍ଟି ହେଉଛି ବୋଲି ପାଣ୍ଡବ ବେହେରା, ବଳରାମ ରାଉତ ପ୍ରମୁଖ କହିଛନ୍ତି। ତେବେ ଉକ୍ତ ପୋଲକୁ ଶୀଘ୍ର ସଜାଡ଼ିବାକୁ ସାଧାରଣରେ ଦାବି ହୋଇଛି।

### ଶିକ୍ଷା କ୍ଷେତ୍ରରେ ହିଞ୍ଜିଳିକାଟୁ ବ୍ଲକ ଶ୍ରେଷ୍ଠ ଘୋଷିତ

**ହିଞ୍ଜିଳିକାଟୁ, ୯।୯(ଡ଼ି.ଏନ୍.ଏ):** ଶିକ୍ଷାର ସମସ୍ତ ବିଭାଗରେ ହିଞ୍ଜିଳିକାଟୁ ବ୍ଲକ ଗତ ଜୁଲାଇ ମାସରେ ରାଜ୍ୟରେ ନଂ-୧ ର୍‌ୟାଙ୍କରେ ରହିଛି। ସାଥ-ଇ କାର୍ଯ୍ୟକ୍ରମ ଜରିଆରେ ଓଏସ୍‌ଇପିଏ ପକ୍ଷରୁ ଜାରୀ ହୋଇଥିବା ରାଜ୍ୟର ବିଭିନ୍ନ ବ୍ଲକର ଶିକ୍ଷା କ୍ଷେତ୍ରକୁ ବିଚାର କରି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରତି ମାସରେ ଏହି ର୍‌ୟାଙ୍କ ପ୍ରସ୍ତୁତ ହେଉଛି। ଜୁଲାଇରେ ସ୍ଥାନୀୟ ବ୍ଲକ ଜିଲା ଓ ରାଜ୍ୟରେ ଶ୍ରେଷ୍ଠ ର୍‌ୟାଙ୍କ ହାସଲ କରିଛି ବୋଲି ତତକାଳୀନ ହିଞ୍ଜିଳିକାଟୁ ବିଇଓ ଏସ୍ ଗିରିଧାରୀ କହିଛନ୍ତି। ଓଏସ୍‌ଇପିଏ ପକ୍ଷରୁ ଗିରିଧାରୀଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି। ଜିଲାର ବିଭିନ୍ନ ଅଧିକାରୀଙ୍କ ସମେତ ବ୍ଲକର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହଯୋଗରେ ଏହା ହୋଇପାରିଛି ବୋଲି ଗିରିଧାରୀ କହିଛନ୍ତି।

# ଗଞ୍ଜାମ ଜିଲାରେ ହେବ ୩ ମହୋତ୍ସବ

**ଛତ୍ରପୁର,୯।୯(ଡି.ଏନ.ଏ.)**

ଗଞ୍ଜାମ ଜିଲା ଛତ୍ରପୁରରେ ତାମ୍ପରା ଗୋପାଳପୁର ବେଳାଭୂମି ଓ ଆସିକାରେ ଲୋକକଳା ମହୋତ୍ସବ ଚଳିତ ବର୍ଷ ଆୟୋଜନ କରାଯିବ । ଏହାର ପ୍ରସ୍ତୁତି ନେଇ ସୋମବାର ଛତ୍ରପୁରସ୍ଥିତ ଜିଲାପାଳଙ୍କ ସମ୍ମିଳନୀ ଗୃହରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଅଧକ୍ଷତା କରିଥିଲେ। ଉତ୍ସବଗୁଡିକରେ ବିଭିନ୍ନ ଲୋକକଳା ପ୍ରଦର୍ଶନ, ମହିଳା ସଶକ୍ତୀକରଣ ଏବଂ ଟ୍ରାଫିକ ବ୍ୟବସ୍ଥା ଉପରେ ବିସ୍ତୃତଭାବେ ଆଲୋଚନା କରାଯିବ ବୋଲି ଜଣାପଡିଛି । ଗୋପାଳପୁର ମହୋତ୍ସବରେ ସ୍ଥାନୀୟ ବିଧାୟକ ଡ. ପ୍ରଦୀପ ପାଣିଗ୍ରାହୀ, ଛତ୍ରପୁର ଲୋକକଳା ମହୋତ୍ସବ ପାଇଁ ବିଧାୟକ ସୁବାସ ଚନ୍ଦ୍ର ବେହେରା ଓ ଆସିକା ମହୋତ୍ସବ ପାଇଁ ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହେବ । ଗୋପାଳପୁର ମହୋତ୍ସବରେ ଜିଲା ରାଜ୍ୟ ତଥା ଦେଶର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଜନସମାଗମକୁ ଦୃଷ୍ଟିରେ ରଖି ଟ୍ରାଫିକ୍ ବ୍ୟବସ୍ଥା ସୁରାରୁରୂପେ ସମ୍ପାଦନ କରିବା ପାଇଁ ବ୍ରହ୍ମପୁର ଆରକ୍ଷୀ ଅଧୀକ୍ଷକଙ୍କୁ ଜିଲାପାଳ କହିଥିଲେ । କାର୍ଯ୍ୟକ୍ରମଗୁଡିକ ଯେପରି ସରସ ସୁନ୍ଦର ହେବ, ସେଥିପ୍ରତି ଦୃଷ୍ଟି ଦେବା ପାଇଁ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ । ବୈଠକରେ ଆସିକା ଲୋକ ସଭା ଏମ୍‌ପି ପ୍ରମିଳା ବିଷୋୟୀ, ଗୋପାଳପୁର ଓ ଛତ୍ରପୁର ବିଧାୟକ, ଆସିକା ବିଧାୟିକା, ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଇଂ. ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ବ୍ରହ୍ମପୁର ଉପଜିଲାପାଳ ସିନ୍ଦେ ଦତ୍ତାତ୍ରେୟ ଭାଉସାହେବ, ଛତ୍ରପୁର ଉପଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି, ଜିଲା ସଂସ୍କୃତି ଅଧିକାରୀ ଟଙ୍କଧର ଭୋଇଙ୍କ ସମେତ ବିଡିଓ, ତହସିଲଦାରମାନେ ଉପସ୍ଥିତ ଥିଲେ । ସମୟ, ସ୍ଥାନ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ନିର୍ଦ୍ଧାରଣ ପାଇଁ ପୁଣି ଏକ ବୈଠକ ବସି ସ୍ଥିର ହେବ ବୋଲି ସୂଚନା ଦିଆଯାଇଛି।



ବୈଠକରେ ଜିଲାପାଳ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

**ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି**

- ■ଛତ୍ରପୁରରେ ତାମ୍ପରା
- ■ଗୋପାଳପୁର ବେଳାଭୂମି
- ■ଆସିକାରେ ଲୋକକଳା

# ନାଟକ 'କାଳିର ବନ୍ଧନ କଳାଚନ୍ଦନ' ମଞ୍ଚସ୍ଥ



ଉପସ୍ଥିତ ଅତିଥିବୃନ୍ଦ।

**କୋଦଳା,୯।୯(ଡି.ଏନ.ଏ.)**

ବେଗୁନିଆପଡ଼ା ବ୍ଲକ ଫାସି ପଞ୍ଚାୟତର ଗୋରଡ଼ା ସାହିରେ ଗଣେଶ ପୂଜା ଉପଲକ୍ଷେ ରବିବାର ଏକ ସାମାଜିକ ନାଟକ 'କାଳିର ବନ୍ଧନ କଳାଚନ୍ଦନ' ନାଟକ ମଞ୍ଚସ୍ଥ ହୋଇଯାଇଛି। ଗୋରଡ଼ା ସାହି ଗଜାନନ ଯୁବକ ସଂଘ ତରଫରୁ ଆୟୋଜିତ ଏହି ନାଟକରେ ସ୍ଥାନୀୟ ସାମାଜିକକର୍ମୀ ହୃଷୀକେଶ ପାତ୍ରଙ୍କ ମାତା ହେମଲତା ପାତ୍ର ଏହାର ଶୁଭ ଉଦ୍‌ଘାଟନ କରିଥିଲେ । ଗଣେଶ ପୂଜା କମିଟି ସଭାପତି ବିଜୟ କୁମାର ମହାପାତ୍ର, ସମ୍ପାଦକ ନିଳାଞ୍ଚଳ ପାଣିଗ୍ରାହୀ ଓ ମନୋରଞ୍ଜନ ସାହୁ ପ୍ରମୁଖ ପରିଚାଳନା କରିଥିବା ବେଳେ ନାଟକକୁ କିଶୋର ଖଣ୍ଡୁଆଳ ରଚନା କରିଥିଲେ।ଉମାକାନ୍ତ ଆଚାରୀ ନାଟ୍ୟ ନିର୍ଦ୍ଦେଶନା ଦେଇଥିଲେ । ଗ୍ରାମର ବହୁ କଳାକାର ଅଭିନୟ କରିଥିଲେ ।

# ଚିନି ଶିଳ୍ପ ପରିଚାଳନା ନିର୍ଦ୍ଦେଶକଙ୍କୁ ଘେରିଲେ ଶ୍ରମିକ



ଶ୍ରମିକମାନେ ଚିନିଶିଳ୍ପ ପରିଚାଳନା ନିର୍ଦ୍ଦେକଙ୍କୁ ଘେରି ରହିଛନ୍ତି।

**ଆସିକା, ୯।୯(ଡି.ଏନ.ଏ.)**

ଆସିକା ସମବାୟ ଚିନି ଶିଳ୍ପରେ ସୋମବାର ଅପରାହ୍ନରୁ ଶ୍ରମିକ ଅଶାନ୍ତି ଦେଖା ଦେଇଛି। ଶ୍ରମିକମାନେ ଚିନିଶିଳ୍ପ ପରିଚାଳନା ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ବେହେରାଙ୍କୁ ତାଙ୍କ କାର୍ଯ୍ୟାଳୟରେ ଘେରାଉ କରିଛନ୍ତି । ସୋମବାର ଅପରାହ୍ନ ପ୍ରାୟ ୪ଟାରେ କାରଖାନାରୁ ଏକ ଟ୍ରକ ଯୋଗେ ରଦି କାର୍ଟୁନ ଯାଉଥିଲା । କିନ୍ତୁ ସେହି ଟ୍ରକରେ ରଦି କାର୍ଟୁନ ସହ ଭଲ କାର୍ଟୁନ ଥିବା ଜଣାପଡିବା ପରେ ଶ୍ରମିକଙ୍କ ମଧ୍ୟରେ ଉତ୍ତେଜନା ଦେଖା ଦେଇଥିଲା । ଶ୍ରମିକମାନେ ରଦି କାର୍ଟୁନ ଥିବା ଟ୍ରକକୁ କାରଖାନା ଭିତରେ ରଖି ପରିଚାଳନା ନିର୍ଦ୍ଦେଶକଙ୍କ ନିକଟରେ ଅଭିଯୋଗ କରିଥିଲେ । ବହୁମୂଲ୍ୟର ଜିନିଷକୁ କମ୍ ଦରରେ ବିଲ୍ କରି କାରଖାନାକୁ ହରିଲୁଟ୍ କରାଯାଉଥିବା ଅଭିଯୋଗ କରିଥିଲେ । ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବା ଲାଗି ଶ୍ରମିକମାନେ ଅଡି ବସିଛନ୍ତି। କାରଖାନାରୁ ରୀତିମତ ଏଭଳି ମୂଲ୍ୟବାନ ସାମଗ୍ରୀ ବାହାରକୁ ଚାଲି ଯାଉଥିବା ଅଭିଯୋଗ କରାଯାଇଛି । ଖବର ଲେଖା ହେବା ଯାଏ ଅଶାନ୍ତି ଲାଗି ରହିଥିଲା । ଶ୍ରମିକ ଓ ପରିଚାଳନା ନିର୍ଦ୍ଦେଶକଙ୍କ ମଧ୍ୟରେ ଆଲୋଚନା ଚାଲିଛି । ଘଟଣା ସମ୍ପର୍କରେ ପରିଚାଳନା ନିର୍ଦ୍ଦେଶକଙ୍କୁ ଲକ୍ଷ୍ମୀକାନ୍ତ ବେହେରାଙ୍କୁ ପଚାରିବାରେ ଶ୍ରମିକଙ୍କ ସହ ଆଲୋଚନା ଚାଲିଥିବା ପ୍ରକାଶ କରିଛନ୍ତି ।

# ଏକ୍ସ କ୍ୟାଡ଼ର୍ ଶିକ୍ଷକ ସଂଘ ବୈଠକ

**ପାତ୍ରପୁର,୯।୯(ଡି.ଏନ୍.ଏ.)**

ପାତ୍ରପୁର ବ୍ଲକ ଲେବଲ୍-୫(ଏକ୍ସ କ୍ୟାଡ଼ର୍) ଶିକ୍ଷକ ସଂଘର ବୈଠକ ସୋମବାର ଶିକ୍ଷକ ଭବନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ସଭାପତି ରାମଗୋପାଳ ପାଢ଼ୀ ସଭାପତିତ୍ୱ କରିଥିଲେ। ଜିଲା କୋଷାଧକ୍ଷ ନିଷାମଣି ପ୍ରଧାନ, ଉପଦେଷ୍ଟା ବେଣୁଗୋପାଳ ପାଢ଼ୀ, ସମ୍ପାଦକ ପ୍ରଦୀପ ପଣ୍ଡା ଓ ପୀତବାସ ପ୍ରଧାନ ମଞ୍ଚାସୀନ ଥିଲେ। ସଂଘର ନୂତନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସମସ୍ତ ଶିକ୍ଷକଙ୍କୁ ଜିଆଇସି ଫର୍ମ ପ୍ରଦାନ ସହ ସଂଘର ବୈଠକ ପ୍ରତି ମାସରେ କରିବାକୁ ନିଷ୍ପତ୍ତି ହୋଇଥିଲା । ଏଥିରେ ଲିଙ୍ଗରାଜ ଜାନି, ସାହେବ ପ୍ରଧାନ, କୁମୁଦିନୀ ଦେବୀ, ଏ ଶ୍ରୀଦେବୀ ପ୍ରମୁଖଙ୍କ ସହ ବହୁ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

# ଆଇନ ସଚେତନତା ଶିବିର




ଶିବିରର ଉପସ୍ଥିତ ଅତିଥିବୃନ୍ଦ।

**ଖଲ୍ଲିକୋଟ,୯।୯(ଡି.ଏନ.ଏ.)**

ଖଲ୍ଲିକୋଟ ବ୍ଲକ ପଥରା ଗ୍ରାମପଞ୍ଚାୟତ କଣ୍ଡରାପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ରବିବାର ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ତାଲୁକା ଆଇନ ସେବା କମିଟି ଖଲ୍ଲିକୋଟ ଆନୁକୂଲ୍ୟରେ ଏଡିଜେ ଶ୍ରୀନିବାସ ପଢ଼ିହାରୀଙ୍କ ପୌରୋହିତ୍ୟରେ ହୋଇଥିବା କାର୍ଯ୍ୟକ୍ରମରେ ଜେଏମ୍‌ଏଫ୍‌ସି ଶାନ୍ତାଶ୍ରୀ ମହାନ୍ତି, ଖଲ୍ଲିକୋଟ ବିଡିଓ ନବକୃଷ୍ଣ ଜେନା, ପଥରା ସରପଞ୍ଚ ବନମାଳୀ ବାଲା, ଅବସରପ୍ରାପ୍ତ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ସାଧାରଣ ଜନତା କିପରି ଆଇନ ସହାୟତା ପାଇପାରିବେ ଏବଂ ମହିଳା ଓ ଶିଶୁମାନଙ୍କ ପାଇଁ ରହିଥିବା ବିଭିନ୍ନ ଆଇନ ସମ୍ପର୍କରେ ଶିବିରରେ ବର୍ଣ୍ଣନା କରାଯାଇଥିଲା । କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷକ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଆଚରଣ, ଉଚ୍ଚାରଣରେ ଶୁଦ୍ଧତା ଲୋଡ଼ା



ସମ୍ବର୍ଦ୍ଧନା ଉତ୍ସବରେ ସମ୍ମାନିତ ଶିକ୍ଷୟିତ୍ରୀ ଓ ଶିକ୍ଷକ।

**ହାତୀଓଟ, ୯।୯**

ପୋଲସରା ସ୍ଥିତ ଲିଙ୍ଗରାଜ ବାଳିକା ଉଚ୍ଚବିଦ୍ୟାଳୟରେ ଗୁରୁ ଦିବସ ଉପଲକ୍ଷେ ଅଞ୍ଚଳର ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏଥିରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ନିରଞ୍ଜନ ସାହୁ ଅଧ୍ୟକ୍ଷତା କରିଥିଲେ। ପୋଲସରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶମ୍ଭୁନାଥ ନନ୍ଦୀ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିପିନ ବିହାରୀ ମିଶ୍ର ମୁଖ୍ୟବକ୍ତା ଓ ଅନ୍ତର୍ଜାତୀୟସ୍ତରୀୟ ଗଣଯୋଗାଯୋଗ ଗବେଷଣା ଓ ସମୀକ୍ଷା ପତ୍ରିକା ମିଡିଆ ୱାଚ୍‌ର ସମ୍ପାଦକ ଜ୍ୟୋତିର୍ମୟ ପଟ୍ଟନାୟକ ଏବଂ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୂର୍ଯ୍ୟନାରାୟଣ ଆଚାରୀ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ସଭାରେ ପୂର୍ବ ଅବସରପ୍ରାପ୍ତ ପ୍ରାୟ ୪୦ରୁ ଉର୍ଦ୍ଧ୍ୱ ଶିକ୍ଷକଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା । ନୂଆ କରି ଅବସର ଗ୍ରହଣ କରିଥିବା ୬ ଜଣ ଶିକ୍ଷକଙ୍କୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉତରୀୟ ପ୍ରଦାନ କରିଥିଲେ। ବିନା ଇନ୍ଧନ ବ୍ୟବହାର କରି ଜଳ ଉତୋଳନ କରି ପାରୁଥିବା ଯନ୍ତ୍ର ବିକଶିତ କରିଥିବା ଗୋଠଲୀ ଗ୍ରାମର କୃଷକ ଦ୍ୱିତୀକୃଷ୍ଣ ଗୌଡଙ୍କୁ ସମ୍ମାନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ପୋଲସରା ବିଜ୍ଞାପିତ ଅଞ୍ଚଳସ୍ଥିତ ସମସ୍ତ ଶିକ୍ଷାନୁଷ୍ଠାନରୁ ବକ୍ତୃତା ପ୍ରତିଯୋଗିତାରେ କୃତୀ ୫୬ ପ୍ରତିଯୋଗିଙ୍କୁ ଟ୍ରଫି ଓ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା । ପଟ୍ଟନାୟକ ଶିକ୍ଷକ ସମୂହ ସେମାନଙ୍କ ଆଚରଣ ଓ ଉଚ୍ଚାରଣରେ ଶୁଦ୍ଧତା ରଖିଲେ ହିଁ ଛାତ୍ରୀଛାତ୍ର ଓ ସମାଜର ଶ୍ରଦ୍ଧା ଓ ଆସ୍ଥା ଭାଜନ ହେବେ ବୋଲି କହିଥିଲେ । ସୁକାନ୍ତୀ ସାହୁ ଓ ନିଳିମା ସାହୁ ମାନପତ୍ର ପଠନ କରିଥିଲେ। ପ୍ରାଥମିକ ସଂଚାଳନ ପ୍ରତିଷ୍ଠାନର ସଂଯୋଜକ ସୁଶାନ୍ତ ମହାରଣା କରିଥିବା ବେଳେ ଆବାହକ ସୂର୍ଯ୍ୟ ନାରାୟଣ ଆଚରୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ।

# ଜଟେଶ୍ୱର ସାହି ପୂଜା କମିଟି ପକ୍ଷରୁ ଭଜନ ସମାରୋହ

**କବିସୂର୍ଯ୍ୟନଗର,୯।୯**

ଗଣେଶ ଚତୁର୍ଥୀ ଅବସରରେ ୫ମ ସନ୍ଧ୍ୟାରେ ସ୍ଥାନୀୟ ଜଟେଶ୍ୱର ସାହି ପୂଜା କମିଟି ପକ୍ଷରୁ ଶ୍ରୀଗୁଣ୍ଡିଚା ଭଜନ ମଣ୍ଡଳୀ କବିସୂର୍ଯ୍ୟନଗର ଦ୍ୱାରା ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଧାୟିକା ଲତିକା ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବା ସହ ଗଜାନନ ମୂର୍ତ୍ତିରେ ମାଲ୍ୟାର୍ପଣ ଓ ଦୀପ ପ୍ରଜ୍ୱଳନ କରିଥିଲେ । ମନୋରଞ୍ଜନ ମହାପାତ୍ର, ଲକ୍ଷ୍ମୀପ୍ରିୟା ସାହୁ, ମନ୍ମଥ ପରିଡ଼ା, ଦିଲୀପ ସାହୁ, ମୁନା ସ୍ୱାଇଁ, ପଞ୍ଚାନନ ବିଷୋୟୀ, ଭଗବାନ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। କଣ୍ଠଶିଳ୍ପୀଙ୍କ ମଧ୍ୟରେ ଇଂ. କୃପାସିନ୍ଧୁ ସ୍ୱାଇଁ, ଜିତେନ୍ଦ୍ର ସାହୁ, ଶିଶୁ ଗୋପାଳ ସାହୁ, ସନାତନ ଗୌଡ଼, ଶିଶୁ କଳାକାର ଶୁଭ୍ରଜ୍ୟୋତି ଶିଳ୍ପୀଙ୍କ ଗୀତକୁ ଲୋକେ ମନଭରି ଉପଭୋଗ କରିଥିଲେ। କୃଷ୍ଣ ପ୍ରଧାନ, ରାଜେନ୍ଦ୍ର ମାଝୀ, ରାକେଶ ଦଳାଇ, ଜିତେନ୍ଦ୍ର ପ୍ରଧାନ, ମନୋଜ ପ୍ରମୁଖ ଜଟେଶ୍ୱର ପୂଜା କମିଟିକୁ ସହଯୋଗ କରିଥିଲେ ।



ମଞ୍ଚାସୀନ ଅତିଥିବୃନ୍ଦ।

## ଗାନ୍ଧୀ ସମିତି ଗଠନ ପାଇଁ ପ୍ରସ୍ତୁତି ବୈଠକ

# ଭାରତୀୟଙ୍କ ପାଇଁ ଦିନରାତି ସଂଘର୍ଷ କରୁଥିଲେ ଗାନ୍ଧିଜୀ

**ପାରଳାଖେମୁଣ୍ଡି, ୯।୯ (ସ୍ୱ.ପ୍ର.)**

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଉତ୍କଳ ହିତୈଷିଣୀ ସମାଜ ସଭାଗୃହ ଠାରେ ଗାନ୍ଧୀ ସମିତି ଗଠନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଗାନ୍ଧି ପିସ୍ ଫାଉଣ୍ଡେସନର କର୍ମୀ ନିଶାକର ଦାସ, ରାଷ୍ଟ୍ରୀୟ ଯୁବା ସଂଘର ରଣଜିତ ଦେହୁରୀ, ଉତ୍କଳ ହିତୈଷିଣୀ ସମାଜର ସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଉପସ୍ଥିତ ଥିଲେ । ଗାନ୍ଧୀ ପିସ୍ ଫାଉଣ୍ଡେସନରୁ ଆସିଥିବା ନିଶାକାର ଗାନ୍ଧୀଜୀଙ୍କ କର୍ମମୟ ଜୀବନୀ ସମ୍ପର୍କରେ ମତ ରଖିଥିଲେ। ସେ କହିଥିଲେ ଯେ, ଗାନ୍ଧିଜୀ ଦେଶର ମଣିଷମାନଙ୍କ ମଧ୍ୟରେ ମଣିଷପଣିଆ ଜନ୍ମାଇବା ପାଇଁ ୧୪୨ଦିନ ଧରି ଅନଶନ କରିଥିଲେ । ଦିନ ରାତି ସେ ଭାରତୀୟଙ୍କ ପାଇଁ ସଂଘର୍ଷ ଜାରି ରଖିଥିଲେ । ଏହି ଅବସରରେ ବୈଠକରେ ଆଗାମୀ ଅକ୍ଟୋବର ୨ରୁ ଗାନ୍ଧିଜୀଙ୍କ ଜନ୍ମ ତିଥି ଅବସରରେ ୧ବର୍ଷ ପର୍ଯ୍ୟନ୍ତ ଏକ ଗାନ୍ଧୀ-୧୫୦ର ଆୟୋଜନ କରିବାକୁ ପ୍ରସ୍ତାବ ରଖାଯାଇଥିଲା । ଏଥିରେ ପ୍ରତି ବ୍ଲକ ଓ ଜିଲାସ୍ତରରେ ଗାନ୍ଧୀ-୧୫୦ ସମିତି ଗଠନ କରାଯାଇ ବର୍ଷେ କାଳ ତାଙ୍କୁ ସ୍ମରଣ କରିବା ଏବଂ ତାଙ୍କ ଦ୍ୱାରା ପ୍ରଦର୍ଶିତ ଆଲୋକରେ ବର୍ତ୍ତମାନର ପିଲାମାନଙ୍କ ଭବିଷ୍ୟତକୁ ଗଢ଼ିବାକୁ ଚଷ୍ଟା କରିବା ଉଚିତ ବୋଲି ସେ କହିଥିଲେ । ଏହି ଅବସରରେ ଜିଲାସ୍ତରୀୟ ଗାନ୍ଧୀ-୧୫୦ ସମିତି ଗଠନ କରାଯାଇଥିଲା । ଏହି ସମିତିରେ ସଭାପତି ଭାବେ ଭାରତ ଭୂଷଣ ମହାନ୍ତି, ଉପସଭାପତି ବଟକୃଷ୍ଣ ପାତ୍ର, ସମ୍ପାଦକ ଶିଶିର କୁମାର ଭଞ୍ଜସାମନ୍ତ, ସହ ସମ୍ପାଦକ ବସନ୍ତ କୁମାର ପଣ୍ଡା, ମହିଳା ସମ୍ପାଦିକା ଭାବେ ମୀନା କୁମାରୀ ଟହଲ ଏବଂ ମୀନାକ୍ଷୀ ସାହୁ ମନୋନୀତ ହୋଇଛନ୍ତି । ସେହିପରି ଜିଲା ସମିତିର ଉପଦେଷ୍ଟା ଭାବେ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଗୌରଚନ୍ଦ୍ର ପଣ୍ଡା, ଅନାଦି ପାଣିଗ୍ରାହୀ, ବିନୋଦ ଚନ୍ଦ୍ର ଜେନା ବିଚିତ୍ରାନନ୍ଦ ବେବର୍ତ୍ତାଙ୍କୁ ରଖାଯାଇଛି । ସେହିପରି ସକ୍ରିୟ ସଭ୍ୟ ଭାବେ ମୂରଲୀଧର ପରିଚ୍ଛା, ଦଗଦୀଶ ମହାପାତ୍ର, ଅରକ୍ଷିତ ପାତ୍ର ପ୍ରମୁଖ ରହିଥିବା ଜଣାପଡିଛି । ଆସନ୍ତା ୨୯ରେ ନବଗଠିତ ସମିତିର ଜିଲାସ୍ତରୀୟ ବୈଠକ ଉତ୍କଳ ହିତୈଷିଣୀ ସଭାଗୃହରେ ହେବ ବୋଲି ସ୍ଥିର ହୋଇଛି ।

# ଶିକ୍ଷା,ତାଲିମ ଶିବିର ଉଦ୍‌ଯାପିତ

**କବିସୂର୍ଯ୍ୟନଗର,୯।୯**

କବିସୂର୍ଯ୍ୟ ବଳଦେବ ବିଜ୍ଞାନ ମହାବିଦ୍ୟାଳୟ ପରିସରରେ ଗତ ୭ ରୁ ୯ ତାରିଖ ଯାଏ ଚାଲିଥିବା ଜିଲାସ୍ତରୀୟ ୟୁଥ୍ ରେଡକ୍ରସ ଶିକ୍ଷା ଓ ତାଲିମ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ଅଧକ୍ଷ ପ୍ରାଣକୃଷ୍ଣ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଏବଂ ଅଧ୍ୟାପକ ଡ. ତନୁଜ କୁମାର ବିଷୋୟୀଙ୍କ ସଂଯୋଜନାରେ ସଭା ଓ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି । ଏଥିରେ ମୁଖ୍ୟଅତିଥି ଭାବେ ୟୁଥ୍ ରେଡକ୍ରସ ଅଫିସର ଡ. ଅଜୟ କୁମାର ତ୍ରିପାଠୀ, ମୁଖ୍ୟବକ୍ତା ଭାବେ ରାଜ୍ୟ ସଂଯୋଜକ ଗୋପାଳକୃଷ୍ଣ ମିଶ୍ର, ସମ୍ମାନିତ ଅତିଥି ଭାବେ କ୍ଷେତ୍ରୀୟ ପକ୍ଷରୁ କଲେଜ ଅଧକ୍ଷ ସୂର୍ଯ୍ୟକାନ୍ତ ମହାନ୍ତି, ଅତିଥି ଭାବେ ୟୁଥ୍ ରେଡକ୍ରସ କଳାହାଣ୍ଡି ସଂଯୋଜକ ସାନ୍ତନୁ କୁମାର ପରିଡ଼ା, ଗଞ୍ଜାମ ଜିଲା ସଂଯୋଜକ ବି. ଗୋବିନ୍ଦ ରାଓ, ପର୍ଯ୍ୟବେକ୍ଷକ ଡ. ପ୍ରଦୀପ୍ତ ଷଡ଼ଙ୍ଗୀ, ତହସିଲଦାର ପ୍ରକାଶ ଯୋଗ ଦେଇଥିଲେ। ଅଧକ୍ଷ ପ୍ରଦୀପ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ରକ୍ତଦାନ ଶିବିରରେ ମୋଟ ୧୯ ୟୁନିଟ ସଂଗ୍ରହ ହୋଇଥିଲା। ମୋଟ ୪୩ କଲେଜର ୧୫୦ ଯୁବ ସ୍ୱେଚ୍ଛାସେବୀ ଓ ୫୬ ବାଳିକା ସ୍ୱେଚ୍ଛାସେବୀ ସହ ୪୩ ଜଣ ପରାମର୍ଶଦାତା ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ହୋଇଥିବା ୨୪ଟି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।



ରକ୍ତ ସଂଗ୍ରହ କରାଯାଉଛି।

